
सा विद्या या विमुक्तये

CELL FOR NATIONAL CENTRE FOR LITERACY

राष्ट्रीय साक्षरता केंद्र-प्रकोष्ठ



# ଉଲ୍ଲାସ

## ପ୍ରବେଶିକା, ଭାଗ-୧, ୨, ୩ ଓ ୪



ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

NATIONAL COUNCIL OF EDUCATIONAL RESEARCH AND TRAINING

# ମୁଖବନ୍ଧ

ସମସ୍ତଙ୍କ ପାଇଁ ଶିକ୍ଷାରଏକ ଉଦ୍ଦେଶ୍ୟ ହେଉଛି 15 ବର୍ଷ ବା ତଦୁର୍ଦ୍ଧ ବୟସର ବ୍ୟକ୍ତି ଯେଉଁମାନେ କୌଣସି କାରଣରୁ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିପାରି ନାହାଁନ୍ତି ସେମାନଙ୍କୁ ପଢିବା – ଲେଖିବା ସହ ସଂଖ୍ୟାର ବ୍ୟବହାର ପାଇଁ ସୁଯୋଗ ପ୍ରଦାନ କରିବା । ଏହି ପରିପ୍ରେକ୍ଷୀରେ, ଜାତୀୟ ଶିକ୍ଷା ନୀତି 2020 ର ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ, ଭାରତ ସରକାରଙ୍କ ଦ୍ୱାରା ଏପ୍ରିଲ୍ 2022 ରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି, ଯେଉଁଥିରେ ପ୍ରୌଢ ଶିକ୍ଷାର ସମସ୍ତ ଦିଗ ଅନ୍ତର୍ଭୁକ୍ତ। ଏହି ଯୋଜନାର ଉଦ୍ଦେଶ୍ୟ କେବଳ ମୌଳିକ  ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ପ୍ରଦାନ ନୁହେଁ, ବରଂ ଏକବିଂଶ ଶତାବ୍ଦୀର ନାଗରିକଙ୍କ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଉପାଦାନଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା, ଯେପରିକି ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ (ଆର୍ଥିକ ସାକ୍ଷରତା, ଡିଜିଟାଲ ସାକ୍ଷରତା, ବାଣିଜ୍ୟିକ ଦକ୍ଷତା, ସ୍ୱାସ୍ଥ୍ୟସେବା ଏବଂ ସଚେତନତା, ଶିଶୁ ଯତ୍ନ ଏବଂ ଶିକ୍ଷା ତଥା ପରିବାର କଲ୍ୟାଣ), ଧନ୍ଦାମୂଳକ ଦକ୍ଷତା ବିକାଶ (ସ୍ଥାନୀୟ ନିଯୁକ୍ତି ହାସଲ କରିବା ଉଦ୍ଦେଶ୍ୟରେ), ମୌଳିକ ଶିକ୍ଷା (ପ୍ରାଥମିକ, ମଧ୍ୟମ ଏବଂ ମାଧ୍ୟମିକ ସ୍ତରର ସମକକ୍ଷତା ଅନ୍ତର୍ଭୁକ୍ତ କରି) ଏବଂ ନିରନ୍ତର ଶିକ୍ଷା (କଳା, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସଂସ୍କୃତି, କ୍ରୀଡା ଏବଂ ମନୋରଞ୍ଜନ ସହିତ ଅନ୍ୟାନ୍ୟ ଉନ୍ନତ ବିଷୟବସ୍ତୁ ଉପରେ ଅଧିକ ଗୁରୁତ୍ୱ) ଏହିପରି, ଏହି ଯୋଜନା ସାମଗ୍ରିକ ଭାବେ ମାନବ ବ୍ୟକ୍ତିତ୍ୱର ବିକାଶକୁ ଦେଖେ ଏବଂ ଏକ ନ୍ୟାୟଯୁକ୍ତ, ଯୁକ୍ତିଯୁକ୍ତ ଏବଂ ଉତ୍କୃଷ୍ଟ ନାଗରିକ ସୃଷ୍ଟି କରେ ।

ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (New India Literacy Programme) ର ଦସ୍ତାବିଜରେ ଏହା ଉଲ୍ଲେଖ କରାଯାଇଛି ଯେ 2011 ଜନଗଣନା ଅନୁଯାୟୀ ଦେଶରେ 15 ବର୍ଷରୁ ଅଧିକ ବୟସର ଅଣ-ସାକ୍ଷରଙ୍କ ସଂଖ୍ୟା ହେଉଛି 25.76 କୋଟି (ପୁରୁଷ 9.08 କୋଟି, ମହିଳା 16.68 କୋଟି) ଅଟେ । 2009-10 ରୁ 2017-18 ମଧ୍ୟରେ ସାକ୍ଷର ଭାରତ କାର୍ଯ୍ୟକ୍ରମ ଅଧୀନରେ 7.64 କୋଟି ବ୍ୟକ୍ତିଙ୍କ ସାକ୍ଷର ଭାବରେ ପ୍ରମାଣିତ ହୋଇଥିବା ଅଗ୍ରଗତିକୁ ଧ୍ୟାନରେ ରଖି ଆକଳନ କରାଯାଇଛି ଯେ ଭାରତରେ ପ୍ରାୟ 18.12 କୋଟି ବୟସ୍କ ବର୍ତ୍ତମାନ ସୁଦ୍ଧା ସାକ୍ଷର ନୁହଁନ୍ତି। ଜାତୀୟ ଶିକ୍ଷା ନୀତି 2020, 2030 ସୁଦ୍ଧା 100% ସାକ୍ଷରତା ହାସଲ କରିବାର ଲକ୍ଷ୍ୟ ସ୍ଥିର କରିଛି ଏବଂ NCERT ରେ ଏକ ଜାତୀୟ ସାକ୍ଷରତା କେନ୍ଦ୍ର ପ୍ରତିଷ୍ଠା କରିବାକୁ ପରାମର୍ଶ ଦେଇଛି । ଏହି ଲକ୍ଷ୍ୟ ହାସଲ କରିବାକୁ ରାଷ୍ଟ୍ରୀୟ ତଥା ରାଜ୍ୟ ସ୍ତରରେ ନିରନ୍ତର ଅନେକ ଉଦ୍ୟମ ଚାଲିଛି।

ଏହା ସମ୍ଭବ ଯେ ସମସ୍ତଙ୍କ ପାଇଁ ଶିକ୍ଷା ସହିତ ଜଡିତ ଶିକ୍ଷାର୍ଥୀମାନେ ସାକ୍ଷର ହୋଇନପାରନ୍ତି, କିନ୍ତୁ ସେମାନେ ଶିକ୍ଷିତ ହେବେ ଏବଂ ସେମାନଙ୍କ ଜୀବନର ସଂଘର୍ଷ ତଥା ଆହ୍ୱାନର ସମ୍ମୁଖୀନ ହୋଇପାରିବେ ଏବଂ ଉପଯୁକ୍ତ ନିଷ୍ପତ୍ତି ନେବାରେ ସକ୍ଷମ ହେବେ । ଏହି ଶିକ୍ଷାର୍ଥୀମାନେ ସେମାନଙ୍କର ଜୀବନର ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ଭାଷା କିମ୍ବା ଅନ୍ୟ ଭାଷାଗୁଡ଼ିକର ମୌଖିକ ପ୍ରୟୋଗ ମଧ୍ୟ କରନ୍ତି ଏବଂ ନିଜ ନିଜ କାର୍ଯ୍ୟରେ ଗାଣିତିକ ବୁଝାମଣା ସହିତ ନେଣ ଦେଣ କରନ୍ତି । ସେମାନଙ୍କୁ କେବଳ ପଢିବା -ଲେଖିବା ଓ ସଂଖ୍ୟାଜ୍ଞାନ ଶିଖିବା ଆବଶ୍ୟକ କରନ୍ତି ଯାହା ଏକ ଗୁଣାତ୍ମକ ଏବଂ ସମ୍ମାନଜନକ ଜୀବନଯାପନ ପାଇଁ ବାଟ ଖୋଲିଥାଏ।

ସାକ୍ଷରତା ହେଉଛି ଏକ ବ୍ୟାପକ ଧାରଣା ଯାହା ଅକ୍ଷର କିମ୍ବା ସଂଖ୍ୟା ଜ୍ଞାନରେ ସୀମିତ ନୁହେଁ ବରଂ ବିଭିନ୍ନ ପ୍ରସଙ୍ଗରେ ଦୃଶ୍ୟ, ଶ୍ରାବ୍ୟ ଏବଂ ଡିଜିଟାଲ୍ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଚିହ୍ନିବା, ବୁଝିବା, ତିଆରି (ରଚନା), ଗଣନା ଏବଂ ଯୋଗାଯୋଗ କରିବାର କ୍ଷମତା ଅଟେ । [ଆନ୍ତର୍ଜାତୀୟ ସାକ୍ଷରତା ସଂଘ (ILA) ରୁ ଉଦ୍ଧୃତ ]।

ଏହିପରି ଭାବରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ଷମ କରିବାରେ ଏବଂ ଏକ ଉନ୍ନତ ଜୀବନଯାପନରେ ସାହାଯ୍ୟ କରେ |

ମୌଳିକ ସାକ୍ଷରତା ପାଇବା, ଶିକ୍ଷା ପାଇବା ଏବଂ ରୋଜଗାରର ସୁଯୋଗ ପାଇବା ପ୍ରତ୍ୟେକ ନାଗରିକଙ୍କର ଅଧିକାର। ସାକ୍ଷରତା ଏବଂ ମୌଳିକ ଶିକ୍ଷା ଜଣଙ୍କର ବ୍ୟକ୍ତିଗତ, ନାଗରିକଗତ, ସାମାଜିକ, ଅର୍ଥନୈତିକ ଏବଂ ଆଜୀବନ ଶିକ୍ଷା ପାଇଁ ସୁଯୋଗର ଏକ ନୂତନ ଜଗତ ଖୋଲିଥାଏ | ଏହି ନୂତନ ଜଗତ ଜଣେ ବ୍ୟକ୍ତିଙ୍କୁ ଉଭୟ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସ୍ତରରେ ଅଗ୍ରଗତି କରିବାରେ ସାହାଯ୍ୟ କରିଥାଏ। "ଜାତୀୟ ଶିକ୍ଷା ନୀତି - ୨ ୦ ୨ ୦ ର ଏହି ଦୃଷ୍ଟିକୋଣକୁ ବଜାୟ ରଖି ଉଜାସ ପ୍ରବେଶିକା (ଚାରି ଭାଗରେ) ନିର୍ମାଣ କରାଯାଇଛି।ଏହି ପ୍ରବେଶିକା ଗୁଡିକଏକ ସମନ୍ୱିତ ଢଙ୍ଗରେ ପ୍ରସ୍ତୁତ ହୋଇଛି, ଯେଉଁଥିରେ ଉଭୟ ଭାଷା ଏବଂ ଗଣିତ ଅନ୍ତର୍ଭୁକ୍ତ । ବିଷୟବସ୍ତୁ ରୂପରେ ତେରଟି ବିଷୟ (theme) ସ୍ଥିର କରାଯାଇଛି ,ଯାହା ସାଧାରଣତଃ ଆମ ଚତୁର୍ଦ୍ଦିଗରେ ଦେଖିବାକୁ ମିଳିଥାଏ । ଏହି ବିଷୟଗୁଡ଼ିକ ହେଉଛି - ପରିବାର ଏବଂ ପଡ଼ୋଶୀ, କଥାବାର୍ତ୍ତା , ଆମର ଚତୁର୍ଦ୍ଦିଗ, ଖାଦ୍ୟ ଏବଂ ସ୍ୱାସ୍ଥ୍ୟ, ମତଦାନ, ଆଇନଗତ ସୂଚନା, ବିପର୍ଯ୍ୟୟ ପରିଚାଳନା, ସମୟ, ଭ୍ରମଣ, ମନୋରଞ୍ଜନ, ଆର୍ଥିକ ସାକ୍ଷରତା, ଡିଜିଟାଲ ସାକ୍ଷରତା, ଆଇନଗତ ସାକ୍ଷରତା, ପରିବେଶ ସଚେତନତା ଇତ୍ୟାଦି। ଭାଷା ଅଧୀନରେ, ଏହି ବିଷୟଗୁଡ଼ିକ ସହିତ ଜଡିତ ଅର୍ଥପୂର୍ଣ୍ଣ, ବିସ୍ତୃତ ଏବଂ ଆକର୍ଷଣୀୟ ସାମଗ୍ରୀ ଗ୍ରହଣ କରି ଓଡିଆ ଭାଷା ଏବଂ ଗଣିତ ପଢିବା ଏବଂ ଲେଖିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି |ଶିକ୍ଷାର୍ଥୀମାନଙ୍କୁ ପଢିବା - ଲେଖିବା ଓ ଗଣିତ ଶିଖିବାରେ ସାହାଯ୍ୟ କରିବା ପାଇଁ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରାଯାଇଛି। ଶିକ୍ଷାର୍ଥୀମାନଙ୍କୁ ଶିଖିବାରେ ସାହାଯ୍ୟ କରିବାକୁ ଏହି ମାର୍ଗଦର୍ଶିକା , ଶିକ୍ଷକ / ସ୍ୱେଚ୍ଛାସେବୀ ଶିକ୍ଷକଙ୍କ ଦ୍ୱାରା ବ୍ୟବହୃତ ହେବ । ଏହି ମାର୍ଗଦର୍ଶିକାରେ ସାକ୍ଷରତାର ବ୍ୟାପକତା ପରିପ୍ରେକ୍ଷୀରେ , ଭାଷା ଏବଂ ଗଣିତ ଶିକ୍ଷଣ ବିନ୍ଦୁ ଓ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ପ୍ରବେଶିକା ଏବଂ ମାର୍ଗଦର୍ଶିକାରେ ଦିଆଯାଇଥିବା ପଏଣ୍ଟଗୁଡ଼ିକ କେବଳ ପରାମର୍ଶ ପାଇଁ । ଶିକ୍ଷାର୍ଥୀମାନଙ୍କର ଦକ୍ଷତା, ଆବଶ୍ୟକତା ଏବଂ ସ୍ଥାନୀୟ ପରିବେଶକୁ ଧ୍ୟାନରେ ରଖି , ଆବଶ୍ୟକତା ଅନୁଯାୟୀ ଏଗୁଡିକ ପରିବର୍ତ୍ତନ କରାଯାଇପାରିବ।

ଉଜାସ ପ୍ରବେଶିକା ରେ ଅନ୍ତର୍ଭୁକ୍ତ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ଶିକ୍ଷଣ ଫଳାଫଳକୁ ଧ୍ୟାନରେ ରଖି ଶିକ୍ଷାର୍ଥୀ, ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କ ପାଇଁ ଅନ୍ ଲାଇନ୍ ମଡ୍ୟୁଲ୍ କିମ୍ବା ଭିଡିଓ କାର୍ଯ୍ୟକ୍ରମ ସୃଷ୍ଟି କରାଯାଇଛି, ଯାହା ସମସ୍ତଙ୍କ ପାଇଁ ଦୀକ୍ଷା ପୋର୍ଟାଲ (DIKSHA PORTAL) ରେ ଉପଲବ୍ଧ । ଏହା ଶିକ୍ଷାର୍ଥୀମାନଙ୍କୁ ଶିଖିବା ଶିଖାଇବାରେ ସାହାଯ୍ୟ କରିବ।

ପରିଷଦର ସମସ୍ତ ବିଷୟ ବିଶେଷଜ୍ଞ ତଥା ଅଧ୍ୟାପିକା, ପ୍ରବେଶିକା ଏବଂ ମାର୍ଗଦର୍ଶିକା ପ୍ରସ୍ତୁତିରେ ଜଡିତ ପ୍ରକଳ୍ପ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ପରିଷଦ କୃତଜ୍ଞତା ଜଣାଉଛି । ସେହି ସମସ୍ତ ସୃଷ୍ଟିକର୍ତ୍ତା, ସଂଗଠନମାନଙ୍କୁ ମଧ୍ୟ କୃତଜ୍ଞତା, ଯେଉଁମାନେ ସେମାନଙ୍କର ସାମଗ୍ରୀ ଏବଂ ସହକର୍ମୀଙ୍କ ସାହାଯ୍ୟ ନେବାରେ ଆମକୁ ଉଦାର ଭାବରେ ସମର୍ଥନ କରିଛନ୍ତି । ଏହି ପ୍ରବେଶିକା ଗୁଡିକୁ ଆହୁରି ଉନ୍ନତ କରିବାକୁ ଆମେ ଆପଣଙ୍କର ପରାମର୍ଶକୁ ସ୍ୱାଗତ କରୁଛୁ|

**ସେପ୍ଟେମ୍ବର, 2022**
ନୂଆଦିଲ୍ଲୀ |

**ଦୀନେଶ ପ୍ରସାଦ ସାକଲାନି**
**ନିର୍ଦ୍ଦେଶକ**

ନ୍ୟାସନାଲ କାଉନସିଲ୍ ଅଫ୍
ଏଜୁକେସନାଲ୍ ରିସର୍ଚ୍ଚ ଏବଂ ଟ୍ରେନିଂ

# ସ୍ୱେଚ୍ଛାସେବୀ ଶିକ୍ଷକମାନଙ୍କ ପାଇଁ ଦୁଇ ପଦ

ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହେଉଛି ସମସ୍ତଙ୍କ ପାଇଁ ଶିକ୍ଷା (ପ୍ରୌଢ ଶିକ୍ଷା) ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହାର ଉଦ୍ଦେଶ୍ୟ ହେଉଛି 15 ବର୍ଷରୁ ଅଧିକ ବୟସର ଶିକ୍ଷାର୍ଥୀମାନଙ୍କୁ ସାକ୍ଷର କରିବା, ଯେଉଁମାନେ ଶିକ୍ଷିତ କିନ୍ତୁ ବର୍ଣ୍ଣମାଳା ଜ୍ଞାନ ନାହିଁ, କିମ୍ବା ଯେଉଁମାନେ ଅଣସାକ୍ଷର। ନବ ଭରତ ସାକ୍ଷରତା କାର୍ଯ୍ୟକ୍ରମ (New India Literacy Programme) ଅଧୀନରେ, ସେହି ଶିକ୍ଷାର୍ଥୀମାନଙ୍କ ପାଇଁ ପଢିବା-ଲେଖିବା ଏବଂ ସଂଖ୍ୟାଜ୍ଞାନ କୌଶଳ ପହଞ୍ଚାଇବାକୁ ପଡ଼ିବ, ଯେଉଁମାନେ କୌଣସି କାରଣରୁ ବିଦ୍ୟାଳୟ ଶିକ୍ଷାରେ ଯୋଗ ଦେଇପାରି ନାହାଁନ୍ତି, ତେଣୁ ଏହା ସମ୍ଭବ ଯେ ସାମାଜିକ ସଚେତନତା କେନ୍ଦ୍ର କିମ୍ବା ଆପଣଙ୍କ ସମ୍ପର୍କରେ ଆସୁଥିବା ଅଣସାକ୍ଷର ଶିକ୍ଷାର୍ଥୀ ପଢିବା ଏବଂ ଲେଖିବା ପ୍ରକ୍ରିୟାରେ ଭିନ୍ନ ଭିନ୍ନ ସ୍ତରରେ ଅଛନ୍ତି।

ଆମକୁ ଧ୍ୟାନ ଦେବାକୁ ହେବ ଯେ ଏହି ଶିକ୍ଷାର୍ଥୀମାନେ ବୁଦ୍ଧିମାନ ଏବଂ ସେମାନଙ୍କର ଦୀର୍ଘ ଜୀବନର ଅଭିଜ୍ଞତା ଅଛି। ସେମାନେ ନିଜ ଜୀବନର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ଏବଂ ସେସବୁକୁ ଅନୁକୂଳ କରିବାର ଦକ୍ଷତା ମଧ୍ୟ ରଖିଛନ୍ତି । ଏହା ସମ୍ଭବ ଯେ ଏହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଅଟନ୍ତି ଯେଉଁମାନେ ଘରେ କିମ୍ବା ବାହାରେ କିଛି କାର୍ଯ୍ୟରେ ନିୟୋଜିତ ହୁଅନ୍ତି କିମ୍ବା ଅନ୍ୟ କିଛି ଦାୟିତ୍ୱ ଗ୍ରହଣ କରନ୍ତି। ଆମର ଲକ୍ଷ୍ୟ ହେଉଛି ସାକ୍ଷରତା/ପଢିବା -ଲେଖିବା ଏବଂ ଗଣିତର ଧାରଣାକୁ ସେମାନଙ୍କର ଦୈନନ୍ଦିନ ଜୀବନ ପାଇଁ ସହଜ କରିବା ଯାହା ମାଧ୍ୟମରେ ସେମାନେ ସେମାନଙ୍କର ଅଭିଜ୍ଞତା ଏବଂ ଦକ୍ଷତା କୁ ଦୃଢ କରିବେ ଏବଂ ବିସ୍ତାର କରିବେ। ଆହୁରି ମଧ୍ୟ, ସେମାନେ ଏହି ଦକ୍ଷତାକୁ ଜୀବନର ବିଭିନ୍ନ ପରିସ୍ଥିତିରେ ବ୍ୟବହାର କରିପାରିବେ। ଏହା ସମ୍ଭବ ଯେ ଏହା ସେମାନଙ୍କ ଆତ୍ମବିଶ୍ୱାସକୁ ଆହୁରି ବଢାଇବ।

**ସ୍ୱେଚ୍ଛାସେବୀ ଶିକ୍ଷକ ଭାବରେ, ଏହା ଜାଣିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ -**

- ସାକ୍ଷର ହେବାକୁ ଆମେ ସାହାଯ୍ୟ କରିବାକୁ ଯାଉଥିବା ଶିକ୍ଷାର୍ଥୀମାନେ 15 ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଅଟନ୍ତି। ଏହା ସମ୍ଭବ ଯେ ଆମ ଅପେକ୍ଷା ସେମାନଙ୍କ ପାଖରେ ଅଧିକ ଅଭିଜ୍ଞତା ଅଛି। ସେମାନଙ୍କର ଅଭିଜ୍ଞତାକୁ ସମ୍ମାନ ଦିଆଯିବ ବୋଲି ଆଶା କରାଯାଏ।
- ସେମାନେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟଗୁଡ଼ିକ ନିଜ ନିଜ ଢଙ୍ଗରେ କରନ୍ତି। ତାଙ୍କର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରାଯିବ ବୋଲି ଆଶା କରାଯାଉଛି।
- ଯେତେବେଳେ ସେମାନେ ପଢିବା ଉପଯୋଗୀ ମନେ କରନ୍ତି ସେତେବେଳେ ସେମାନେ ପଢିବେ । ଆପଣଙ୍କର ଶିକ୍ଷାର୍ଥୀମାନଙ୍କୁ ଭଲ ଭାବରେ ପ୍ରସ୍ତୁତ କରନ୍ତୁ ଯାହା ଦ୍ୱାରା ସେମାନେ ଯାହା ଅଧ୍ୟୟନ କରୁଛନ୍ତି ସେଥିରୁ ଉପକୃତ ହୋଇପାରିବେ। ଆମେ ବି ଏଥିରୁ ବହୁତ କିଛି ଶିଖିବା ଏବଂ ଆପଣଙ୍କର ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ। ତେଣୁ ଆସନ୍ତୁ ଶିକ୍ଷାର୍ଥୀମାନଙ୍କୁ ପୂର୍ଣ୍ଣ ପ୍ରସ୍ତୁତି, ପରିଶ୍ରମ ଏବଂ ସମ୍ମାନ ସହିତ ଶିକ୍ଷା ଦେବା।
- ଉଜାସ୍ ପ୍ରବେଶିକା ହେଉଛି ଓଡିଆ ଭାଷା ଏବଂ ଗଣିତର ଏକ ସମନ୍ୱିତ ରୂପ। ଏହାର ପ୍ରତ୍ୟେକ ପାଠ୍ୟରେ ଓଡିଆ ଭାଷା ଦକ୍ଷତା ଏବଂ ଗାଣିତିକ ଦକ୍ଷତାର ବିକାଶ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଅଛି।
- ଶିକ୍ଷାର୍ଥୀମାନେ ଓଡିଆ ଭାଷା ଶୁଣିବା ଏବଂ କହିବାରେ ସକ୍ଷମ କିନ୍ତୁ ଏହା ସମ୍ଭବ ଯେ ପଢିବା ଏବଂ ଲେଖିବା ପାଇଁ ସୁଯୋଗ ଅଭାବରୁ ସେମାନେ ପଢିବା ଏବଂ ଲେଖିବାରେ କୌଣସି ପ୍ରକାର ଅସୁବିଧା ଅନୁଭବ କରନ୍ତି। ଏହା ମଧ୍ୟ ସମ୍ଭବ ଯେ କିଛି ଶିକ୍ଷାର୍ଥୀଙ୍କର କିଛି ବର୍ଣ୍ଣମାଳା ଜ୍ଞାନ ଥାଇପାରେ। ସେହିଭଳି ଶିକ୍ଷାର୍ଥୀଙ୍କର ଗଣନା

କରିବାର ମୌଖିକ ଦକ୍ଷତା ଏବଂ ଅନୌପଚାରିକ ଦକ୍ଷତା ଅଛି, କିନ୍ତୁ ସଂଖ୍ୟା ଚିହ୍ନିବା ଏବଂ ବିଭିନ୍ନ ଗାଣିତିକ ସମସ୍ୟାର ସମାଧାନ କରିବାରେ ଅସୁବିଧା ହେଉଛି ।

- ପାଠରେ, ସାମଗ୍ରିକ ଚିତ୍ର, କାହାଣୀ, କବିତା କିମ୍ବା ଅନ୍ୟ କୌଣସି ମଜାଦାର ସାମଗ୍ରୀ ମାଧ୍ୟମରେ ଓଡିଆ ଭାଷାର କିଛି ନୂତନ ଅକ୍ଷର, ଶବ୍ଦ, ପାଠବିଷୟ  ପଢିବା ଏବଂ ଲେଖିବାକୁ ଶିଖାଯାଇଛି । ଏହି ପଠନ ସାମଗ୍ରୀ ପରିପ୍ରେକ୍ଷୀରେ ଗଣିତର ସଂଖ୍ୟା,  ସଂଖ୍ୟା ଗଣନା ଏବଂ ସମସ୍ୟାର ସମାଧାନ ଶିକ୍ଷା ଦିଆଯାଇଛି ।  ଯଦି ଆମେ ଶିକ୍ଷଣ ଫଳାଫଳ ଉପରେ ଧ୍ୟାନ ଦେବାକୁ ଚାହୁଁ ତେବେ ଆମେ ଅତିରିକ୍ତ ସ୍ଥାନୀୟ ଉତ୍ସ ସାମଗ୍ରୀ ବ୍ୟବହାର କରିପାରିବା ।  ଏହା ଆମକୁ ଶିକ୍ଷାର୍ଥୀମାନଙ୍କର ସ୍ତର, ଦକ୍ଷତା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ  କରିବାକୁ ସକ୍ଷମ କରେ ।
- ପ୍ରବେଶିକାରେ ଦିଆଯାଇଥିବା ଚିତ୍ରଗୁଡ଼ିକର ସମ୍ପୂର୍ଣ୍ଣ ବ୍ୟବହାର କରନ୍ତୁ ।  ଅନୁମାନ କରି ପଢିବା ଏବଂ ଲେଖିବା ଶିଖିବାରେ ଚିତ୍ରଗୁଡ଼ିକ ସହାୟକ ହେବ ।  ଚିତ୍ରଗୁଡ଼ିକ ଏକ ବସ୍ତୁ ହୋଇପାରେ ବା  ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା କିମ୍ବା ଘଟଣା ହୋଇପାରେ! ଆବଶ୍ୟକତା ଅନୁଯାୟୀ ଚିତ୍ର ବ୍ୟବହାର କରାଯାଇପାରିବ । ଚିତ୍ରଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଅନୁଭୂତି ବାଣ୍ଟିବାକୁ ଆମନ୍ତ୍ରଣ କରିଥାଏ ।
- ଉଜାସର ପ୍ରଥମ ପୃଷ୍ଠା ,ଶିକ୍ଷାର୍ଥୀମାନଙ୍କ ପାଇଁ ସେମାନଙ୍କର ନାମ, ଠିକଣା ଏବଂ ଯୋଗାଯୋଗ ବିବରଣୀ (ଫୋନ୍ ନମ୍ବର) ଲେଖିବା ପାଇଁ ସ୍ୱତନ୍ତ୍ର ସ୍ଥାନ ଦେଇଛି ।  ଛାତ୍ରମାନଙ୍କ ଜୀବନରେ ଏପରି ଘଟଣା ବାରମ୍ବାର ଆସେ ଯେତେବେଳେ ସେମାନଙ୍କୁ ସେମାନଙ୍କର ନାମ ଲେଖିବାକୁ ପଡେ ।  ଏହି କାର୍ଯ୍ୟ ତାଙ୍କ ଜୀବନ ସହିତ ନିବିଡ ଭାବରେ ଜଡିତ ।  ଏହା ସମ୍ଭବ ଯେ ସେମାନେ ସେମାନଙ୍କର ନାମ ଲେଖିବାରେ ସକ୍ଷମ ନୁହଁନ୍ତି, ତା'ପରେ ଏହିପରି ଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକ ସୂଚନା ଲେଖି ସେମାନଙ୍କର ନାମ, ଠିକଣା, ଫୋନ୍ ନମ୍ବର ଇତ୍ୟାଦି ଦେଖାନ୍ତୁ ଏବଂ ଦେଖି ସେମାନଙ୍କୁ ଲେଖିବାରେ ସାହାଯ୍ୟ କରନ୍ତୁ ।
- ଓଡିଆ ଭାଷାର ବର୍ଣ୍ଣମାଳା, ଉଜାସ ପ୍ରବେଶିକା  ଚାରି ଭାଗର ଶେଷରେ ଦିଆଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀମାନଙ୍କୁ ଓଡିଆ ବର୍ଣ୍ଣମାଳାର ଅକ୍ଷର ସହିତ ପରିଚିତ କରାଇବା ।  କିନ୍ତୁ ଆରମ୍ଭ କେବଳ ଅର୍ଥପୂର୍ଣ୍ଣ ସାମଗ୍ରୀ ସହିତ କରନ୍ତୁ ।  ଅକ୍ଷରଗୁଡ଼ିକ ଥରେ ପରିଚିତ ହୋଇଗଲେ, ଶିକ୍ଷାର୍ଥୀମାନଙ୍କୁ ବର୍ଣ୍ଣମାଳା ମାଧ୍ୟମରେ ଅକ୍ଷରଗୁଡ଼ିକୁ ଚିହ୍ନିବା ପାଇଁ ପ୍ରସ୍ତୁତ କରାଯାଇପାରିବ ।  ଯେଉଁ ଶିକ୍ଷାର୍ଥୀମାନଙ୍କର ପୂର୍ବରୁ କିଛି ବର୍ଣ୍ଣମାଳା ଦକ୍ଷତା ଅଛି ସେମାନେ ଓଡିଆ ବର୍ଣ୍ଣମାଳା ଚାର୍ଟ ପୃଷ୍ଠା ପ୍ରଥମରୁ ବ୍ୟବହାର କରିପାରିବେ ।
- ଓଡିଆ ବର୍ଣ୍ଣମାଳା ଚାର୍ଟକୁ  ବାରମ୍ବାର ଦେଖିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କର ଅକ୍ଷର-ଚିହ୍ନଟ ଦକ୍ଷତା ଦୃଢ ହେବ । ଅନୁମାନ କରି, ଅକ୍ଷର ଚିହ୍ନିବା, ପଢିବା ଏବଂ ଲେଖିବା ପାଇଁ ସେମାନେ ଏହି କୌଶଳ ବ୍ୟବହାର କରିପାରିବେ ।
- ଓଡିଆ ଭାଷାରେ ଅକ୍ଷର ଗୁଡିକୁ ଚିହ୍ନିବା ପାଇଁ ଭାଷା ଖେଳ ସଂଗଠିତ ହୋଇପାରିବ । ଉଦାହରଣ ସ୍ୱରୂପ, ଓଡିଆ  ବର୍ଣ୍ଣମାଳାରେ କୌଣସି ଗୋଟିଏ ଅକ୍ଷରରୁ ଆରମ୍ଭ ହେଉଥିବା ଶବ୍ଦ କହିବା, ଏକରୁ ଅଧିକ ଅକ୍ଷର ବ୍ୟବହାର କରି ଶବ୍ଦ ତିଆରି କରିବା ଏବଂ  ପଢିବା ଇତ୍ୟାଦି ଏକରୁ ଅଧିକ ଅକ୍ଷର /ମାତ୍ରା ବ୍ୟବହାର କରି ଶବ୍ଦ କହିବା, ପଢିବା ଏବଂ ଲେଖିବାପରି ।  ଖେଳ ମଧ୍ୟ ସହାୟକ ହୋଇପାରେ ।
- ହିନ୍ଦୀ ବର୍ଣ୍ଣମାଳାର ଅକ୍ଷରଗୁଡ଼ିକୁ ଅକ୍ଷର ଜାଲ ଭାବରେ ବ୍ୟବହାର କରି ଶବ୍ଦ ତିଆରି କରିବା ମଧ୍ୟ ଖେଳ ଆକାରରେ କରାଯାଇପାରିବ ।  ଏହି ଅକ୍ଷର-ଜାଲରେ ଶିଖାଯାଇଥିବା ଅକ୍ଷର/ମାତ୍ରା ନିଆଯାଇ  ପାରେ ।
- ଶିକ୍ଷାର୍ଥୀମାନେ ଯେକୌଣସି ସମୟରେ ପଢିବା ଏବଂ ଲେଖିବା ଶିଖିବାବେଳେ ପ୍ରବେଶିକା ଶେଷରେ ଦିଆଯାଇଥିବା ଓଡିଆ ବର୍ଣ୍ଣମାଳା ଦେଖିପାରିବେ, ଏହାକୁ ପଢିବା ଏବଂ ଲେଖିବାରେ ବ୍ୟବହାର କରିପାରିବେ ।

**ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଦେବାବେଳେ ଧ୍ୟାନ ରଖିବାକୁ ଥିବା କଥା-**

- **ଆମ ଶିକ୍ଷାର୍ଥୀଙ୍କୁ ଜାଣିବା-** ଆମେ ଆମର ଶିକ୍ଷାର୍ଥୀ ବିଷୟରେ ଜାଣିବା କି ସେମାନଙ୍କୁ ଆଦୌ ପଢିବା-ଲେଖିବା ଜଣା ନାହିଁ କିମ୍ବା ଅଳ୍ପ କିଛି ପଢିବା-ଲେଖିବା ଜଣା କିମ୍ବା ସେମାନେ କେବଳ ଅକ୍ଷରଗୁଡ଼ିକୁ ଚିହ୍ନିଛନ୍ତି କିମ୍ବା ସେମାନେ କେବଳ ସେମାନଙ୍କର ନାମ ଲେଖି ଶିଖିଛନ୍ତି| ଏହା ମଧ୍ୟ ହୋଇପାରେ ଯେ ସେମାନଙ୍କର ସଂଖ୍ୟା ବିଷୟରେ କୌଣସି ଜ୍ଞାନ ନାହିଁ କିମ୍ବା ଗାଣିତିକ ସଂଖ୍ୟା ଏବଂ ଗଣନର ଆନୁଷ୍ଠାନିକ ପଦ୍ଧତି ଜାଣନ୍ତି । ସେମାନଙ୍କ ବିଷୟରେ ଜାଣିବା, ସେମାନଙ୍କର ପସନ୍ଦ-ନାପସନ୍ଦ, ସୁଖ-ଦୁଃଖ, ପରିବାର, ଚିନ୍ତା, ସଂଘର୍ଷକୁ ଜାଣିବା, ତା'ହେଲେ ଯେତେବେଳେ ଆମେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ କରିବା, ଆମେ ସେମାନଙ୍କ ଜୀବନର ଘଟଣାଗୁଡ଼ିକୁ ମନେ ରଖି ପାରସ୍ପରିକ କାର୍ଯ୍ୟ କରିପାରିବା । କଥା କଥାରେ ସେମାନେ ସାହସ/ଉତ୍ସାହ ପାଇପାରିବେ ଏବଂ ସେମାନେ ସଶକ୍ତ ଅନୁଭବ କରବେ । ଆମର ନିବିଡ଼ତା ସେମାନଙ୍କୁ ସେମାନଙ୍କ ଜୀବନର ଅନେକ ଦୁଃଖଦ ଦିଗରୁ ଧ୍ୟାନ ହଟାଇପାରେ।
- **ନିଜର ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ମଜାଳିଆ କରିବା-** ଆପଣଙ୍କ ଚାରିପାଖରେ ଅନେକ ଶିକ୍ଷଣ ଜିନିଷ ଅଛି ଯାହା ଶିକ୍ଷଣ ପାଇଁ ଉପଯୋଗୀ ହୋଇପାରିବ । ପାଠ ସହିତ ଜଡିତ ଏହିପରି ଉପଲବ୍ଧ ଜିନିଷଗୁଡ଼ିକର ଉପଯୁକ୍ତ ବ୍ୟବହାର କରନ୍ତୁ ଯେପରିକି ଖବରକାଗଜ, ପତ୍ରିକା, ବିଜ୍ଞାପନ, ବିଦ୍ୟୁତ୍ ବିଲ୍, ଟ୍ରେନ୍ ଟିକେଟ୍ ଇତ୍ୟାଦି।
- **ଶିକ୍ଷାର୍ଥୀଙ୍କୁ ତାଙ୍କ କଥା କହିବାକୁ ସୁଯୋଗ ଦିଅନ୍ତୁ-**ନିଜକୁ ଅଧିକ କହିବା ଠାରୁ ଦୂରେଇ ରଖନ୍ତୁ । ଶିକ୍ଷାର୍ଥୀଙ୍କୁ ଆଲୋଚନା, ସେମାନଙ୍କ ମତ ପ୍ରକାଶ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦିଅନ୍ତୁ । ଆମେ ଅଧିକ ସୂଚନା ଦେବାକୁ ଇଚ୍ଛା କରିପାରିବା । କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ଆମର ଶିକ୍ଷାର୍ଥୀମାନେ ବହୁତ କିଛି ଜାଣିଛନ୍ତି । ବରଂ, ଆମେ ନିଜେ ସେମାନଙ୍କର ଜ୍ଞାନ ଏବଂ ଅଭିଜ୍ଞତାର ଲାଭ ଉଠାଇ ପାରିବା। ଏଥିପାଇଁ ସେମାନଙ୍କୁ ଧନ୍ୟବାଦ ଦେବାକୁ ଭୁଲିବା ନାହିଁ।
- **ଅତିରିକ୍ତ ପଠନ ସାମଗ୍ରୀ ବ୍ୟବହାର କରନ୍ତୁ–** ଉଜାସ ପ୍ରବେଶିକାରେ ରେ ପ୍ରତ୍ୟେକ ପାଠ ପଢନ୍ତୁ ଏବଂ ବିଭିନ୍ନ ପ୍ରକାରର ଅର୍ଥପୂର୍ଣ୍ଣ ପଠନ ସାମଗ୍ରୀ ସଂଗ୍ରହ କରନ୍ତୁ ଯାହା ଆକର୍ଷଣୀୟ ଏବଂ ସହଜରେ ଉପଲବ୍ଧ । ଏହାଦ୍ୱାରା ପଢୁଥିବା ପାଠକୁ ବୁଝିବା ସହଜ ହେବଏବଂ ଶିକ୍ଷାର୍ଥୀମାନେ ଏହା ସହିତ ସଂଯୋଗ କରିବାକୁ ସମର୍ଥ ହେବେ।
- **ଶିକ୍ଷାର୍ଥୀଙ୍କ ପ୍ରତି ଏକ ସମ୍ବେଦନଶୀଳ ଏବଂ ସକାରାତ୍ମକ ମନୋଭାବ ରଖନ୍ତୁ-** ଯଦି ଆମେ ଭାବୁ ନାହୁଁ ଯେ ଆମେ ବୟସରେ ଛୋଟ, ତେବେ ସେମାନେ ଆମକୁ ଗମ୍ଭୀରତାର ସହ ଗ୍ରହଣ କରିବେ ନାହିଁ। ସେମାନେ ଆପଣଙ୍କୁ ଅନେକ ସମ୍ମାନ ଏବଂ ପ୍ରେମ ପ୍ରଦାନ କରିବେ ଯେହେତୁ ଆମେ ସେମାନଙ୍କୁ ପଢିବା, ଲେଖିବା ଏବଂ ସଂଖ୍ୟାଜ୍ଞାନ ଶିଖିବାରେ ସାହାଯ୍ୟ କରୁଛୁ । ଆପଣ ଜଣେ ଅତି ସମ୍ବେଦନଶୀଳ, ଅଭିଜ୍ଞ ଏବଂ ସମ୍ବେଦନଶୀଳ ବ୍ୟକ୍ତି, ତଥାପି ସେମାନଙ୍କ କାର୍ଯ୍ୟ, ପୋଷାକ, ଉଚ୍ଚାରଣ କିମ୍ବା ଉଠିବା ଏବଂ ବସିବା ଶୈଳୀ ଉପରେ କୌଣସି ନକାରାତ୍ମକ ମନ୍ତବ୍ୟ ନକରିବାକୁ ମନେ ପକାଇବା ଜରୁରୀ ।
- **ଶିକ୍ଷାର୍ଥୀଙ୍କ ସୁବିଧା ପାଇଁ ଯତ୍ନ ନିଅ -** ସମୟ, ସ୍ଥାନ, ସୀମା ଇତ୍ୟାଦି ନିର୍ଣ୍ଣୟକୁ ଶିକ୍ଷାର୍ଥୀ ସପକ୍ଷରେ ରଖ । ଶିକ୍ଷାର୍ଥୀମାନଙ୍କ ପାଇଁ ବସିବାର ବ୍ୟବସ୍ଥା ଏପରି ହେବା ଉଚିତ ଯେ ସେମାନେ ଆରାମରେ

ବସିପାରିବେ ଏବଂ ଆମେ  ଅକ୍ଷର ଏବଂ ଶବ୍ଦ ପଢଉଥିବାବେଳେ ସେମାନେ ମଧ୍ୟ ସହଜରେ ଦେଖିପାରିବେ। ଆଗରୁ ଦରି ବା ମ୍ୟାଟ୍ ଇତ୍ୟାଦି ପାଇଁ ବ୍ୟବସ୍ଥା କରନ୍ତୁ ଯାହା ଦ୍ୱାରା ବୟସ୍କ ଛାତ୍ର ଯିଏ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରନ୍ତି, ଘଣ୍ଟେରୁ ଦୁଇ ଘଣ୍ଟା ବସିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ।

- **ମୌଳିକ ଆବଶ୍ୟକତା ବ୍ୟବସ୍ଥା-** ଯେଉଁଠାରେ ଆମେ ଛାତ୍ରମାନଙ୍କୁ ଶିକ୍ଷା ଦେଉଛୁ, ସେଠାରେ ପାନୀୟ ଜଳର ବ୍ୟବସ୍ଥା ହେବା ଆବଶ୍ୟକ। ପର୍ଯ୍ୟାପ୍ତ ପରିମାଣର ଆଲୋକ ମଧ୍ୟ ରହିବା ଉଚିତ ଯାହା ଦ୍ୱାରା ଆଖି ଉପରେ ଜୋର ପଡିବ ନାହିଁ।
- **ଶିକ୍ଷାର୍ଥୀଙ୍କର ଅନୁଭୂତି ଏବଂ ଦକ୍ଷତାକୁ ସମ୍ମାନ ଦିଅନ୍ତୁ** - ଆମର ଶିକ୍ଷାର୍ଥୀଙ୍କର  ସେମାନଙ୍କ ଜୀବନର ଅନେକ ଅନୁଭୂତି ଥାଏ। ଯଦି ଏହି ଅନୁଭୂତିଗୁଡିକର  ପଢିବା ଏବଂ ଲେଖିବା ଶିଖିବାରେ ପୂର୍ଣ୍ଣ ଲାଭ ନିଆଯାଏ, ତେବେ ପଢିବା ଏବଂ ଲେଖିବା ଶିଖାଇବା ଆପଣଙ୍କ ପାଇଁ ସହଜ ହେବ । ଆମର ଶିକ୍ଷାର୍ଥୀମାନେ ବିଭିନ୍ନ କାର୍ଯ୍ୟ କରୁଛନ୍ତି ।  ସେମାନେ ବିଭିନ୍ନ କୌଶଳ ଜାଣିଥିବେ । ସେମାନଙ୍କର କାର୍ଯ୍ୟ, ଶବ୍ଦକୋଷ ଏବଂ ଗାଣିତିକ କୌଶଳ, ପଢିବା ଏବଂ ଲେଖିବା ଶିକ୍ଷାଦାନରେ ଭଲ ବ୍ୟବହାର କରାଯାଇପାରିବ । ପଢିବା ଏବଂ ଲେଖିବା ପ୍ରସଙ୍ଗରେ, ଆପଣଙ୍କର ବୁଝାମଣା ଅଧିକ, ଯେତେବେଳେ ଏହା କାର୍ଯ୍ୟ ଏବଂ ଜୀବନ ଅନୁଭୂତି ବିଷୟରେ ଆସେ, ସେତେବେଳେ ସେମାନଙ୍କର ବୁଝାମଣା ଗଭୀର ଅଟେ। ଆପଣ ସେମାନଙ୍କୁ ସମ୍ମାନର ସହିତ ସମ୍ବୋଧନ କରିବେ ବୋଲି ଆଶା। ସେମାନଙ୍କ ବୟସ ଏବଂ ସେମାନଙ୍କର ଅଭିଜ୍ଞତାକୁ ପୂର୍ଣ୍ଣ ସମ୍ମାନଦିଅନ୍ତୁ ।
- **ଶିକ୍ଷାର୍ଥୀଙ୍କର ଶିକ୍ଷଣ ପ୍ରକ୍ରିୟାକୁ ବୁଝନ୍ତୁ-** ଏହା ହୋଇପାରେ  ଆପଣ ଆଜି ଯାହା ଶିକ୍ଷା ଦେଇଛନ୍ତି, ସେମାନେ ଦୁଇ-ତିନି ଦିନ ପରେ ଭୁଲିପାରନ୍ତି। ଏହା ଏକ ଅତି ସ୍ୱାଭାବିକ କଥା। ତେଣୁ, ପୂର୍ବ ଶିକ୍ଷାର ପୁନରାବୃତ୍ତି ଏବଂ ଅଭ୍ୟାସକୁ ଉତ୍ସାହିତ କରିବା ଆବଶ୍ୟକ ହେବ । ମନେରଖନ୍ତୁ ଯେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଗତି ଏବଂ ଶିକ୍ଷଣ ପ୍ରଣାଳୀ ଭିନ୍ନ ହେବ ଏବଂ ସେମାନଙ୍କୁ ନିଜ ଗତି ଏବଂ ପଦ୍ଧତିରେ ଶିଖିବାରେ ସାହାଯ୍ୟ କରିବେ। ଶିଖିବା ଏବଂ ପରିବର୍ତ୍ତନ ପାଇଁ ସମୟ ଲାଗେ ତେଣୁ ଧୈର୍ଯ୍ୟର ସହିତ ଆଗେଇବେ।  କେନ୍ଦ୍ରର ପରିବେଶକୁ ଆକର୍ଷଣୀୟ କରିବା ପାଇଁ, ସମୟ ସମୟରେ ଚିତ୍ତାକର୍ଷକ ଖେଳ, ଗୀତ ଇତ୍ୟାଦି ମଧ୍ୟ ପର୍ବ ପର୍ବାଣୀ ଅନୁଯାୟୀ ଗାନ କରିବେ। ଆମେ ଗୀତ,କାହାଣୀ ଏବଂ ଅଭିଜ୍ଞତା ବାଣ୍ଟି ଶିକ୍ଷଣ ଫଳାଫଳ ହାସଲ କରିପାରିବା ।  ଏହା ଶିକ୍ଷଣ ପ୍ରକ୍ରିୟାକୁ ଆକର୍ଷଣୀୟ କରିପାରେ। ଶିକ୍ଷା ପାଇଁ ଏକ ଉତ୍ସାହଜନକ ଏବଂ ଉପଭୋଗ୍ୟ ପରିବେଶ ଜରୁରୀ ।

## ଶୁଭେଚ୍ଛା!

**ଉଷା ଶର୍ମା**
ପ୍ରଫେସର ତଥା ଇନ୍-ଚାର୍ଜ,
ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର-ସେଲ୍
NCERT, ନୂଆଦିଲ୍ଲୀ

# ପ୍ରବେଶିକା ରଚନା ସମିତି

**ଅଧ୍ୟକ୍ଷ**

ଦୀନେଶ ପ୍ରସାଦ ସକଲାନି, ନିର୍ଦ୍ଦେଶକ, N.C.E.R.T. ନୂଆଦିଲ୍ଲୀ

**ପରାମର୍ଶ**

ଅନୁପ କୁମାର ରାଜପୁତ, ପ୍ରଫେସର ତଥା ଅଧ୍ୟକ୍ଷ, ପ୍ରକାଶନ ବିଭାଗ, NCERT ,ନୂଆଦିଲ୍ଲୀ ।

ରଂଜନ ଆରୋରା, ପ୍ରଫେସର ଏବଂ ଅଧ୍ୟକ୍ଷ, ପାଠ୍ୟକ୍ରମ ଅଧ୍ୟୟନ ବିଭାଗ, NCERT ,ନୂଆଦିଲ୍ଲୀ ।

ଶ୍ରୀଧର ଶ୍ରୀବାସ୍ତବ, ଯୁଗ୍ମ ନିର୍ଦ୍ଦେଶକ, NCERT, ନୂଆଦିଲ୍ଲୀ ।

ସନ୍ଧ୍ୟା ସିଂ, ପ୍ରଫେସର ତଥାଅଧ୍ୟକ୍ଷ, ଭାଷା ଶିକ୍ଷା ବିଭାଗ,NCERT , ନୂଆଦିଲ୍ଲୀ।

**ରଚନା-ସମିତି**

ଅକ୍ଷୟ କୁମାର ଦୀକ୍ଷିତ, ମେଣ୍ଟର ଶିକ୍ଷକ, ଶିକ୍ଷା ନିର୍ଦ୍ଦେଶାଳୟ, ଦିଲ୍ଲୀ

କୃତ ପ୍ରସାଦ, ପ୍ରଧାନଆଚାର୍ଯ୍ୟ, ମଧ୍ୟମ ବିଦ୍ୟାଳୟ, ଗୌଡାପୁର, ଚଣ୍ଡୀ, ନାଳନ୍ଦା, ବିହାର

କାମେଶ୍ୱର ରାଓ, ଅବସରପ୍ରାପ୍ତ ପ୍ରଫେସର, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ, ମଧ୍ୟପ୍ରଦେଶ

ଗୁଞ୍ଜନ ଖୁରାନା, ବରିଷ୍ଠ ପରାମର୍ଶଦାତା, ପ୍ରାରମ୍ଭିକ ଶିକ୍ଷା ବିଭାଗ, NCERT. ନୂଆଦିଲ୍ଲୀ

ତୃପ୍ତି ଉପାଧ୍ୟାୟ, ପରାମର୍ଶଦାତା, ପ୍ରାରମ୍ଭିକ ଶିକ୍ଷା ବିଭାଗ, NCERT, ନୂଆଦିଲ୍ଲୀ

ଧର୍ମପ୍ରକାଶ, ଅବସରପ୍ରାପ୍ତ ପ୍ରଫେସର, ପ୍ରାରମ୍ଭିକ ଶିକ୍ଷା ବିଭାଗ, NCERT, ନୂଆଦିଲ୍ଲୀ

ନିଶାତ ଫାରୁକ୍, ପୂର୍ବତନ ନିର୍ଦ୍ଦେଶକ, ରାଜ୍ୟ ସଂସାଧନ କେନ୍ଦ୍ର, ଜାମିଆ ମିଲିଆ ଇସଲାମିଆ, ନୂଆଦିଲ୍ଲୀ

ପ୍ରଭାତ, ଲେଖକ, ଜୟପୁର, ରାଜସ୍ଥାନ

ମହିମା ବନ୍ସଲ, ଜୁନିଅର ପ୍ରୋଜେକ୍ଟ ଫେଲୋ, ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର - ସେଲ୍, NCERT, ନୂଆଦିଲ୍ଲୀ

ମାଲଭିକା ରାୟ, ଶିକ୍ଷା ପରାମର୍ଶଦାତା, ନୂଆଦିଲ୍ଲୀ

ୟାଚନା ଗୁପ୍ତା, ବରିଷ୍ଠ ପରାମର୍ଶଦାତା, ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର - ସେଲ୍, NCERT, ନୂଆଦିଲ୍ଲୀ

ୟସ୍ମିନ୍ ଆଶ୍ରଫ୍, ପରାମର୍ଶଦାତା, ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର - ସେଲ୍, NCERT, ନୂଆଦିଲ୍ଲୀ "

ଭର୍ଣ୍ଣା ସିଙ୍ଘଲ, ଜୁନିଅର ପ୍ରୋଜେକ୍ଟ ଫେଲୋ, ପ୍ରାରମ୍ଭିକ ଶିକ୍ଷା ବିଭାଗ, NCERT ,ନୂଆଦିଲ୍ଲୀ

ଶିବା ଶ୍ରୀବାସ୍ତବ, ଜୁନିଅର ପ୍ରୋଜେକ୍ଟ ଫେଲୋ, ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର-ସେଲ୍, NCERT,ନୂଆଦିଲ୍ଲୀ

ସତ୍ୟବୀର ସିଂ, ପ୍ରଧାନଶିକ୍ଷକ, ସରକାରୀ ଇଣ୍ଟର କଲେଜ, ବାଗପତ, ଉତ୍ତରପ୍ରଦେଶ

ଶ୍ୟାମ ସୁଶୀଲ, ଲେଖକ, ଭାସୁନ୍ଧରା ଏନକ୍ଲେଭ, ନୂଆଦିଲ୍ଲୀ

ସୋନାଲି, ଜୁନିଅର ପ୍ରୋଜେକ୍ଟ ଫେଲୋ, ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର-ସେଲ୍, NCERT, ନୂଆଦିଲ୍ଲୀ

ସୋନିକା ଶିକ, ପରାମର୍ଶଦାତା, ଟାଟା ଟ୍ରଷ୍ଟ, ନୂଆଦିଲ୍ଲୀ

ଉଷା ଶର୍ମା, ପ୍ରଫେସର ତଥା ଇନଚାର୍ଜ ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର-ସେଲ୍, NCERT ନୂଆଦିଲ୍ଲୀ |

## ସମୀକ୍ଷା ସମିତି

ଆୟୁଷ୍ମାନ ଗୋସ୍ୱାମୀ, ପ୍ରଫେସର ତଥା ଅଧ୍ୟକ୍ଷ, ଶିକ୍ଷା ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,(RIE ) ଅଜମେର, ରାଜସ୍ଥାନ

କଞ୍ଚନ ଦେଓରାରୀ, ଅତିରିକ୍ତ ନିର୍ଦ୍ଦେଶକ, SCERT,ଦେହରାଦୂନ,ଉତ୍ତରାଖଣ୍ଡ

ଚାନ୍ଦ କିରନ ସଲୁଜା , ନିର୍ଦ୍ଦେଶକ ,ସଂସ୍କୃତ ପଦୋନ୍ନତି ପ୍ରତିଷ୍ଠାନ, ନୂଆଦିଲ୍ଲୀ

ପ୍ରଶାନ୍ତ ପାଣ୍ଡେ, ସହକାରୀ ନିର୍ଦ୍ଦେଶକ, SCERT, ରାୟପୁର, ଛତିଶଗଡ

ସଞ୍ଜୀବ କୁମାର, ପୂର୍ବତନ ପ୍ରିନ୍ସପାଲ୍, DIET, ଆର.କେ. ପୁରମ, ନୂଆଦିଲ୍ଲୀ

ସତ୍ୟବୀର ସିଂ, ପ୍ରିନ୍ସପାଲ୍, ସରକାରୀ ଇଣ୍ଟର କଲେଜ, ବାଗପତ, ଉତ୍ତରପ୍ରଦେଶ


ଉଷା ଶର୍ମା, ପ୍ରଫେସର ତଥା ଇନ୍-ଚାର୍ଜ, ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର-ସେଲ୍ , NCERT, ନୂଆଦିଲ୍ଲୀ

## ସଦସ୍ୟ ସଂଯୋଜକ

**ଉଷା ଶର୍ମା**, ପ୍ରଫେସର ତଥା ଇନ୍-ଚାର୍ଜ,

ରାଷ୍ଟ୍ରୀୟ ସାକ୍ଷରତା କେନ୍ଦ୍ର-ସେଲ୍ , NCERT, ନୂଆଦିଲ୍ଲୀ

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ
ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ
ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ
ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ
ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା



# ବାର୍ତ୍ତା

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରୁ ସମସ୍ତ ୩୦ ଗୋଟି ଜିଲ୍ଲାରେ ନୂତନ ସାକ୍ଷରତା କାର୍ଯ୍ୟକ୍ରମ "ଉଲ୍ଲାସ" କାର୍ଯ୍ୟକାରୀ କରୁଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

"ଉଲ୍ଲାସ" ହେଉଛି ଭାରତ ସରକାରଙ୍କ ଦ୍ୱାରା ଜୀବନବ୍ୟାପୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ୧୫ ବର୍ଷ ତଥା ତଦୁର୍ଦ୍ଧ୍ୱ ବୟସର ନାଗରିକଙ୍କ ମଧ୍ୟରେ ମୌଳିକ ସାକ୍ଷରତା ଓ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଆରମ୍ଭ କରାଯାଇଥିବା ଏକ ଯୁଗାନ୍ତକାରୀ ପଦକ୍ଷେପ । ଜାତୀୟ ବିକାଶ ପାଇଁ ଆବଶ୍ୟକ ଜ୍ଞାନ ଏବଂ ଦକ୍ଷତା ସହିତ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ହେଉଛ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କୁ ପଢ଼ିବା, ଲେଖିବା, ଚିହ୍ନଟ କରିବା, ବୁଝାଇବାରେ ସକ୍ଷମ କରିବା, ଡିଜିଟାଲ୍ ସାକ୍ଷରତା ଓ ଆର୍ଥିକ ସାକ୍ଷରତା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ ସହିତ ସକ୍ଷମ ହେବାରେ ସାହାଯ୍ୟ କରିବ ।

ଏକ ବିକଶିତ ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ଦିଗରେ "ଉଲ୍ଲାସ" ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଁ ଆଶା କରୁଛି ।

(ନିତ୍ୟାନନ୍ଦ ଗଣ୍ଡ)

ଶାଳିନୀ ପଣ୍ଡିତ, ଭା.ପ୍ର.ସେ.
କମିଶନର୍-ତଥା-ଶାସନ ସଚିବ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାର

# ବାର୍ତ୍ତା

ଏକ ବିକଶିତ ଓ ଜ୍ଞାନମୟ ସମାଜ ଗଠନର ମୂଳ ଆଧାର ହେଉଛି ଶିକ୍ଷା।ଶିକ୍ଷା କେବଳ ପୋଥିଗତ ଜ୍ଞାନାର୍ଜନର ମାଧ୍ୟମ ନୁହେଁ, ଏହା ହେଉଛି, ମାନବ ମନର ବିକାଶର ବ୍ୟକ୍ତିତ୍ୱ ଗଠନ ତଥା ସାମାଜିକ ସଶକ୍ତିକରଣର ଶ୍ରେଷ୍ଠ ସାଧନ। ଏହି ଚିନ୍ତାଧାରାର କ୍ରିୟାନ୍ୱୟନ ନିମିତ୍ତ, ଜାତୀୟ ଶିକ୍ଷାନୀତି ୨୦୨୦ ସହ ସମନ୍ୱିତ ଭାବେ ଭାରତ ସରକାର ୨୦୨୨-୨୦୨୭ ବର୍ଷ ପାଇଁ ଆରମ୍ଭ କରିଛନ୍ତି ଏକ ଦୂରଦର୍ଶୀ, ଶ୍ରେଷ୍ଠ ଓ ମାନବ କେନ୍ଦ୍ରିତ ଯୋଜନା- ଉଲ୍ଲାସ (**Understanding Lifelong Learning for All in Society**)। ୧୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ନାଗରିକ  ଯେଉଁମାନେ ବିଦ୍ୟାଳୟ ଶିକ୍ଷାରୁ ବିଚ୍ୟୁତ ବା ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ପୁନଃ ଶିକ୍ଷାସ୍ରୋତରେ ସାମିଲ କରାଇ ଏକ ସଜ୍ଜନ ଓ ସଚେତନ ନାଗରିକ ରୂପେ ଗଢିତୋଳିବା ହେଉଛି ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ।  ଉତ୍ତମ ଶିକ୍ଷାପ୍ରାପ୍ତ ହୋଇ ସେମାନେ ନିଜର ଦାୟିତ୍ୱ ନେବା ସହିତ ଏକ ବିକଶିତ ରାଜ୍ୟ ଓ ରାଷ୍ଟ୍ରଗଠନର ବିନ୍ଧାଣୀ ହେବାର ପ୍ରମୁଖ ଭୂମିକା ନିର୍ବାହ କରିବେ।

ଓଡିଶା ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ରୂପାୟିତ କରୁଛି। ରାଜ୍ୟର ଅନେକ ଅପହଞ୍ଚ ଇଲାକା, ଆଦିବାସୀ ଗ୍ରାମ, ଶ୍ରମିକ ପ୍ରଧାନ ସର୍ବୋପରି ଉପେକ୍ଷିତ ସମୁଦାୟ ମଧରେ ଶିକ୍ଷାର ଏକ ଆଭା ସୃଷ୍ଟିକରିବା ପାଇଁ ଉଲ୍ଲାସ ଏକ ପ୍ରଭାବଶାଳୀ ଶକ୍ତିରୂପେ କାର୍ଯ୍ୟକରୁଛି। ଏହି  ଯୋଜନାର ପ୍ରମୁଖ ଆଧାର ଗୁଡିକ ହେଉଛି- ଆଧାରଭିତ୍ତିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ମୂଲ୍ୟବାନ ଜୀବନ ଦକ୍ଷତା, ବୃତ୍ତିମୂଳକ କୌଶଳ ବିକାଶ, ମୌଳିକ ଓ ଅବ୍ୟାହତ ଶିକ୍ଷା ଆଦି। ଏହି ସମଗ୍ର ଯୋଜନା ସ୍ୱେଚ୍ଛାସେବୀ ମାନଙ୍କ ଯୋଗଦାନ ମାଧ୍ୟମରେ **OTLAS (Online Teaching Learning & Assessment System)** ରେ ଅନ୍‌ଲାଇନ ମୋଡରେ କାର୍ଯ୍ୟାନ୍ୱିତ ହେଉଛି।

ଉଲ୍ଲାସ ନାମଟି ଅତୁଟ ଆନନ୍ଦ, ଜୀବନୋତ୍ସବ ତଥା ଅଦମନୀୟ ଆତ୍ମବିଶ୍ୱାସର ପ୍ରତୀକ। ଉଲ୍ଲାସ କେବଳ ଏକ ଯୋଜନା ନୁହେଁ-ଏହା ହେଉଛି ଏକ ଦୃଢଶିକ୍ଷା ସଂକଳ୍ପ, ସୁନାଗରିକ ଗଠନର ଏକ ମାର୍ଗଦର୍ଶକ, ଉତ୍‌ପ୍ରେରକ। ଏହା ମାନବବିକାଶର ଶ୍ରେଷ୍ଠ ପଥ। ଚାଲନ୍ତୁ, ଏହି ଆନ୍ଦୋଳନରେ ସହଭାଗୀ ହୋଇ ଗାଁ-ଗାଁରେ, ଘରେ-ଘରେ ଶିକ୍ଷାର ସ୍ଫୁଲିଙ୍ଗ ସ୍ଫୁରଣପୂର୍ବକ ଏକ ଜ୍ଞାନମୟ, ସାକ୍ଷର,ଗୌରବମୟ ଓ ବିକଶିତ ଓଡ଼ିଶା ନିର୍ମାଣର ମହାର୍ଘ ସୁଯୋଗ ପ୍ରାପ୍ତ ହେବାପାଇଁ ପ୍ରତିଶ୍ରୁତିବଦ୍ଧ ହେବା।

ଶାଳିନୀ ପଣ୍ଡିତ
(ଶାଳିନୀ ପଣ୍ଡିତ)

# କୃତଜ୍ଞତା

ପରିଷଦ, ସମସ୍ତ ଲେଖକ/ଲେଖିକାଙ୍କୁ କୃତଜ୍ଞତା ଜଣାଉଛି ଯେଉଁମାନଙ୍କର ଲେଖା ଏହି ପୁସ୍ତକରେ ଅନ୍ତର୍ଭୁକ୍ତ ହୋଇଛି। ପୁସ୍ତକ ପ୍ରକାଶନ ପାଇଁ ଅନୁମତି ପ୍ରଦାନ କରିଥିବା ସୁଶୀଲ ଶୁକ୍ଳା, ନିର୍ଦ୍ଦେଶକ, ଏକତାରା, ଭୋପାଳ (ଦୀପାବଳୀର ଦୀପ), ସୁଭାଷ ଭ୍ୟାମ ଏବଂ ଦୁର୍ଗାବାଇ ଭ୍ୟାମ, ଲୋକ ଚିତ୍ରକାର, ଭୋପାଳ (ଦଦରିଆ ଲୋକଗୀତ) ଏବଂ ସ୍ୱର୍ଗୀୟ ନିରଙ୍କର ଦେବ ସେବକ (ଠିକ୍ ସମୟରେ ), ଶ୍ୟାମ ସୁଶୀଲ (ଆସ ବାଦଲ), ପ୍ରଭାତ, ନିଶାତ ଫାରୁକ (ସାହାଯ୍ୟ ମିଳିଲା ତ କିପରି ଏବଂ ମୋ ଖାତା ମୋ ସମ୍ପତ୍ତି), ସ୍ୱୟମ୍ ପ୍ରକାଶ (ହାଁ ଜୀ- ନା' ଜୀ ), ପ୍ରେମପାଲ ଶର୍ମା, ଅବସରପ୍ରାପ୍ତ ନିର୍ଦ୍ଦେଶକ ,ରେଲୱେ ବୋର୍ଡ (ଗାନ୍ଧିଜୀଙ୍କ ଆତ୍ମକଥାରୁ ଏବଂ ଆୟୁଷ୍ମାନ ଗୋସ୍ୱାମୀ, ଅଧ୍ୟକ୍ଷ, ଶିକ୍ଷା ବିଭାଗ, କ୍ଷେତ୍ରୀୟ ଶିକ୍ଷା ସଂସ୍ଥାନ, ଆଜମେର (କାହାଣୀ ସବୁ ) କୁ ପରିଷଦ କୃତଜ୍ଞତା ଜଣାଉଛି।

ଏହା ସହିତ ପରିଷଦ, ପ୍ରବେଶିକାର ଚିତ୍ରାଙ୍କନ ପାଇଁ ଶଶୀ ଶେଟେ, ନୂଆଦିଲ୍ଲୀ, ସୁନୀତା, ଲୋକ ଚିତ୍ରକର (ମାଣ୍ଡନା ଶୈଳୀ), ଜୟପୁର, ରାଜସ୍ଥାନ, ସୁଭାଷ ବ୍ୟାମ, ଲୋକ ଚିତ୍ରକର (ଭଗବାନ ମୂରଲୀ ଶୈଳୀ), ଭୋପାଳ, ମଧ୍ୟପ୍ରଦେଶ: ଦୁର୍ଗାବାଇ ବ୍ୟାମ, ଲୋକ ଚିତ୍ରକର (ଭଗବାନ ମୂରଲୀ ଶୈଳୀ), ଭୋପାଳ, ମଧ୍ୟପ୍ରଦେଶ; ମାନସିଂ ବ୍ୟାମ, ଲୋକ ଚିତ୍ରକାର (ଭଗବାନ ମୂରଲୀ ଶୈଳୀ), ଭୋପାଳ, ମଧ୍ୟପ୍ରଦେଶ: ପ୍ରଶାନ୍ତ ସୋନି, ଉଦୟପୁର, ରାଜସ୍ଥାନ; ସାଗର ଅରଣକଲେ, ନୋଏଡା, ଉତ୍ତର ପ୍ରଦେଶ; ଶୁଭମ୍ ଲଖେରା, ଚନ୍ଦେରୀ, ମଧ୍ୟପ୍ରଦେଶ; ହବିବ୍ ଅଲୀ, ଗ୍ୱାଲିଅର୍, ମଧ୍ୟପ୍ରଦେଶ; ଜିତେନ୍ଦ୍ର ଚୌରସିଆ, ଦେୱାସ, ମଧ୍ୟ ପ୍ରଦେଶ ହରିଅମ ପଟିଦାର, ଧାର, ମଧ୍ୟପ୍ରଦେଶ ନୀଲେଶ ଗହଲୋତ, ଧାର, ମଧ୍ୟପ୍ରଦେଶ ତାପୋଶୀ ଘୋଷାଲ, ନୂଆଦିଲ୍ଲୀ; ରୁଚିନ୍ ସୋନି, ନୂଆଦିଲ୍ଲୀ; ମୟୂଖ ଘୋଷ, କୋଲକାତା, ପଶ୍ଚିମବଙ୍ଗ; ସଚ୍ଚିଦାନନ୍ଦ ଝା, ମଧୁବନୀ, ବିହାର; ରାଧାଶ୍ୟାମ ରାଉତ, ଭୁବନେଶ୍ୱର, ଓଡିଶା ଏବଂ ଶ୍ରେୟସୀ ଦତ୍ତ, ମଧୁବନୀ, ବିହାର ।

ପରିଷଦ, ଭାରତର ନିର୍ବାଚନ ଆୟୋଗ, ରାଷ୍ଟ୍ରୀୟ ମତଦାନ ସେବା ପୋର୍ଟାଲ, ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ର, ସାମାଜିକ ନ୍ୟାୟ ଏବଂ ଅଧିକାରିତା ମନ୍ତ୍ରଣାଳୟ, ପ୍ରଧାନ ମନ୍ତ୍ରୀ ଜନ-ଧନ ଯୋଜନା, ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ରାଷ୍ଟ୍ରୀୟ ସାକ୍ଷରତା ମିଶନ ପ୍ରାଧିକରଣ, ରାଜ୍ୟ ସଂଶୋଧନ  କେନ୍ଦ୍ର, ଇନ୍ଦୋରପ୍ରତି  କୃତଜ୍ଞତା ଜଣାଇଛି, ଯାହାର ୱେବସାଇଟରୁ ପ୍ରବେଶିକା ପ୍ରସ୍ତୁତି  ପାଇଁ ଉପଯୋଗୀ ସାମଗ୍ରୀ ଏବଂ ଚିତ୍ର ଗ୍ରହଣ କରାଯାଇଥିଲା।

ପରିଷଦ, ପ୍ରବେଶିକାର ବିକାଶର ବିଭିନ୍ନ ପର୍ଯ୍ୟାୟରେ ସହାୟତା ପାଇଁ: ରାଷ୍ଟ୍ରୀୟ  ସାକ୍ଷରତା କେନ୍ଦ୍ର – ପ୍ରକୋଷ୍ଠ ର Dr. Bani Bora, ବରିଷ୍ଠ ପରାମର୍ଶଦାତା; ରୋହିତ ନୈନୱାଲ, ପରାମର୍ଶଦାତା; ଜ୍ୟୋତି ତିୱାରୀ, ଜୁନିଅର ପ୍ରୋଜେକ୍ଟ ଫେଲୋ; ପ୍ରିୟଙ୍କା, ଆୟାଜ ଅହମ୍ମଦ ଅନସାରୀ, D.T.P. ଅପରେଟର, ମହମଦ ଅତୀର, ତରୁଣ କୁମାର ନୋଗିଆ, ଗ୍ରାଫିକ୍ ଡିଜାଇନର୍ ଏବଂ ଜିତେନ୍ଦ୍ର, ଟାଇପିଷ୍ଟଙ୍କୁ କୃତଜ୍ଞତା ଜଣାଉଛି । ପରିଷଦ, ପ୍ରାରମ୍ଭିକ ଶିକ୍ଷା ବିଭାଗ, NCERT ର ସପନା ଟାଇପିଷ୍ଟଙ୍କ ପାଇଁ କୃତଜ୍ଞ, ଯାହାର ସହଯୋଗ ଏହି କାର୍ଯ୍ୟ ସମାପ୍ତ କରିବାରେ ସାହାଯ୍ୟ କଲା |

ପରିଷଦ, ପ୍ରକାଶନ ବିଭାଗରୁ ମିଳିଥିବା ସହଯୋଗ ପାଇଁ କୃତଜ୍ଞତା ଜଣାଉଛି|

ବାଳମୁକୁନ୍ଦ ଭୂୟାଁ, ଓ.ଏ.ଏସ୍ (ଏସ୍, ଏସ୍)


ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର

ନିରକ୍ଷର ବ୍ୟକ୍ତିର ଜୀବନ ଅତ୍ୟନ୍ତ ସଂଘର୍ଷମୟ ଓ ଦୁଃଖଦ। ନିଜର ନିରକ୍ଷରତା ଯୋଗୁଁ ସେ ସମାଜର ଗତି ସହିତ ନିଜକୁ ଖାପ ଖୁଆଇ ଚାଲିପାରେନା। ଔପଚାରିକ ଶିକ୍ଷାରୁ ସେ ବଞ୍ଚିତ ଥିବା ଯୋଗୁଁ ବର୍ତ୍ତମାନ ସେ ଇଚ୍ଛା କଲେ ମଧ୍ୟ ମୌଳିକ ସାକ୍ଷରତାକୁ ହାସଲ କରିପାରି ନାହିଁ। ତେଣୁ ବ୍ୟକ୍ତିର ଜୀବନ ଶୈଳୀର ବିକାଶ ଓ ଗୁଣବତ୍ତାପୂର୍ଣ୍ଣ ଜୀବନ ଯାପନ ପାଇଁ ମୌଳିକ ସାକ୍ଷରତା ଏକାନ୍ତ ଅପରିହାର୍ଯ୍ୟ ଅଟେ। ଉଲ୍ଲାସ କାର୍ଯ୍ୟକ୍ରମ ଦ୍ୱାରା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ଜୀବନ କୌଶଳ ଶିକ୍ଷା, ନିରନ୍ତର ଶିକ୍ଷା, ଧନ୍ଦାମୂଳକ ଶିକ୍ଷା ଓ ବୁନିୟାଦୀ ଶିକ୍ଷାର ଉଦ୍ଦେଶ୍ୟକୁ ହାସଲ କରିବାକୁ ଯାଇ "ଉଲ୍ଲାସ" ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଚଳିତ ୨୦୨୫-୨୬ ବର୍ଷଠାରୁ ସାରା ରାଜ୍ୟରେ ପ୍ରଚଳିତ ହେଉଅଛି। ଶିକ୍ଷାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପୁସ୍ତକ ଅତ୍ୟନ୍ତ ଉଚ୍ଚକୋଟୀର ଓ ମନୁଷ୍ୟ ଶିକ୍ଷା ବିଜ୍ଞାନ ଆଧାରରେ ପ୍ରସ୍ତୁତ କରାଯାଇଅଛି। ଏହି ପୁସ୍ତକ ଦ୍ୱାରା ଶିକ୍ଷାର୍ଥୀ ଓ ସ୍ୱେଚ୍ଛାସେବୀ ସହାୟକ ଓ କାର୍ଯ୍ୟକ୍ରମରେ ସାମିଲ ଅନ୍ୟମନସ୍କ ବ୍ୟକ୍ତି ବିଶେଷଙ୍କୁ ବିଶେଷ ସହାୟକ ହେବ। ମୋର ଆଶା ଓ ବିଶ୍ୱାସ ଏହି ପୁସ୍ତକ ଦ୍ୱାରା ରାଜ୍ୟର ଅଗଣିତ ଶିକ୍ଷାର୍ଥୀ ଲାଭବାନ ହେବେ। ଶୁଭେଚ୍ଛା ସହ।

ନିର୍ଦ୍ଦେଶକ
ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

# ଉଲ୍ଲାସ

ଭାଗ ୧



# ସୂଚୀ ପତ୍ର

## ଭାଗ – ୧


## ୧. ପରିବାର ଓ ପଡୋଶୀ ୪

- ଅ ,ଆ,ନ, ପ, ସ, ର, ବ
- ଆରତୀର ପରିବାର
- ୧ ରୁ ୯ ପର୍ଯ୍ୟନ୍ତସଂଖ୍ୟା ଚିହ୍ନିବା, ପଢିବା ଓ ଲେଖିବା !
- ଆସ ବାଦଲ(କବିତା)

## ୨. କଥାବାର୍ତ୍ତା ୨୬

- ଇ, ଈ, ବ, ତ, ମ, ଖ, ଟ, ଚ
- ବିଦ୍ୟାଳୟକୁ ଚିଠି
- ୧୦ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ଚିହ୍ନିବା, ପଢିବା ଓ ଲେଖିବା !
- ୨୦ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକର ଯୋଗ ଓ ବିୟୋଗ !
- ଅନ୍ଧାର ନଗରୀ (କ୍ଷୁଦ୍ର ନାଟକ )

## ୩. ଆମରି ରହଣି ଓ ଚଳଣି ୫୬

- ଓ,ଔ,ଝ, ଦ ,ଲ ,ଗ ,କ, ସ୍ୱ
- ୨୧ ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟାର ଚିହ୍ନଟ କରିବା , ପଢିବା ଓ ଲେଖିବା |
- ଏକକ ଓ ଦଶକ ସଂଖ୍ୟା ସମୂହର ଗଣନ |
- ୫୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ |
- କାହାଣୀ


## ମୋ ବହି


ମୋ ନାମ – ______________________________

ମୋ ଠିକଣା – ______________________________

______________________________

ମୋ ମୋବାଇଲ ନମ୍ବର ______________________________


ସ୍ୱାସ୍ଥ୍ୟକେନ୍ଦ୍ର
ଭାଲୁ ଜୋତା ଦୋକାନ
ମମତା ବୁଟିକ




## କଥାବାର୍ତ୍ତା କରିବା ପାଇଁ

୧ . ଏହି ଚିତ୍ରଟି କେଉଁ ସ୍ଥାନର ଅଟେ?  ୨ .  କିଏ କଣ କରୁଛନ୍ତି?  ୩. ଆପଣଙ୍କ ତେଜରାତି ଦୋକାନରେ କଣ ମିଳୁଛି?
୪. ଏହି ଚିତ୍ରରେ ସମୁଦାୟ କେତେ ଜଣ ପିଲା ଅଛନ୍ତି? ୫. ଚିତରେ ୪ କେଉଁଠାରେ ଲେଖାଯାଇଛି?
୬. ଏହି ଚିତ୍ରରେ ସମୁଦାୟ କେତୋଟି ଖଟ ଅଛି?

# ୧ ପରିବାର ଓ ପଡ଼ୋଶୀ

**ଆମେ ଶିଖିବା**

| ଅ | ଆ | ନ | ପ | ସ | ର | ବ |
|---|---|---|---|---|---|---|

୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାର ଚିହ୍ନଟ କରିବା, ପଢ଼ିବା ଓ ଲେଖିବା ।

## ▪ ଚିତ୍ର ଦେଖି ପଢ଼



ଦୋକାନ



ପରିବାର




ଲୋକମାନେ



ଗଳି



ରୋଷେଇ ଘର



କବାଟ



ଘର



ପଡୋଶୀ



ଓକିଲ

**ଶିକ୍ଷକଙ୍କ ନିମନ୍ତେ ସୂଚନା -** ସହଭାଗୀ ଶିକ୍ଷାର୍ଥୀମାନେ ଜଣକ ପରେ ଜଣେ ଏହି ଚିତ୍ରକୁ ଚିହ୍ନଟ କରିବେ | ଚିତ୍ର ତଳେ ତାର ନାମ ଦର୍ଶାଇ ଦିଆଯାଇଛି | ଚିତ୍ରକୁ ଆଧାର କରି ଶବ୍ଦ ଗୁଡିକୁ ପଢିବାକୁ କୁହାଯିବ | ଚିତ୍ରର ନାମକୁ ଆଙ୍ଗୁଳି ରଖି ପଢାଇବେ |

# ଚିତ୍ର ଦେଖି ପଢ଼

ନିମ୍ନଲିଖିତ ମଧ୍ୟରୁ କ'ଣ ସବୁ ଆପଣଙ୍କ ଘରେ ଅଛି ( ✔ ) ଚିହ୍ନ ଦିଅନ୍ତୁ



ମାଟି ଚୁଲି



ଖଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

କ୍ୟାଲେଣ୍ଡର



ସାଇକେଲ




ସିଲିଣ୍ଡର



ନଳ

## ପଢ଼ ଓ ଲେଖ

ଅ



ଅରଟ




ଅଜଗର

ଅ ଅ

ଆ



ଆତ



ଆଲମାରି


ଆ ଆ

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀମାନେ ଜଣକ ପରେ ଜଣେ ଏହି ଚିତ୍ରକୁ ଚିହ୍ନଟ କରିବେ | ଚିତ୍ର ତଳେ ଲେଖାଯାଇଥିବା ନାମକୁ ସେମାନେ ପଢିବେ ଓ ଅକ୍ଷର ଲେଖିବେ | ଅ ଏବଂ ଆ ଅକ୍ଷରର ଉଚ୍ଚାରଣ ଓ ଆକୃତି ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ଚିହ୍ନଟ କରିବେ | ଏହିପରି ଭାବରେ ବାକିଥିବା ଅକ୍ଷରକୁ ମଧ୍ୟ ପଢାଇବେ ଓ ଲେଖାଇବେ |

ନ



ନଦୀ




ନୟନ

ନା



ନାରୀ



ନାବ

# ପ



ପଣସ



ପତର

ପ ପ

# ପା



ପାଳଙ୍ଗ




ପାଉଁଜୀ

ପା ପା

ସ



ସହର



ସଡ଼କ

ସ ସ

ସା

୭


ସାତ



ସାଇକେଲ

ସା ସା

ର



ରବର



ରସଗୋଲା

ର ର

ରା



ରାକ୍ଷୀ



ରାଣୀ

ରା ରା

ବ



ବଣ



ବାଘ

ବା



ବାଜା



ବାସନ

## ମୋ ଶବ୍ଦ

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ପରିବାର ଓ ପଡୋଶୀ ବିଷୟରେ କଥାବାର୍ତ୍ତା କରିବେ | ସହଭାଗୀ ଶିକ୍ଷାର୍ଥୀ ମାନେ ପାଖରେ ଥିବା ଲୋକ ମାନଙ୍କର ସଂସ୍କୃତି ଏବଂ ସାମାଜିକ ଚଳଣି ସମ୍ବନ୍ଧରେ କଥାବାର୍ତ୍ତା ହେବେ | ସହଭାଗୀ ଶିକ୍ଷାର୍ଥୀଙ୍କୁ ପଚାରି ଏହି ବିଷୟ ସମ୍ପର୍କିତ ୩-୪ ଟି ଶବ୍ଦ ଲେଖିବେ,  ଏହି ଶବ୍ଦ ଗୁଡିକ ସେମାନଙ୍କର ନିଜ ଭାଷା (ଘର ଭାଷା) ମଧ୍ୟ ହୋଇପାରେ, ଯେପରିକି ରୋଷେଇ ଘର ପାଇଁ ଚୁଲି, ଲୁଣ ପାଇଁ ନୁଣ ଇତ୍ୟାଦି |

# ଆରତୀର ପରିବାର



**ଧାନ ଲଗେଇଛି**
**ଏବେ ମୋ ଜମିରେ,**
**ମୋ ଜୀବନ ଲଗେଇଛି ।**

## ଆପଣ କଣ ଭାବୁଛନ୍ତି ?

ପ୍ରଶ୍ନ ୧। ଏହି ଚିତ୍ରରେ କୋଡ଼ିବା କାମ ହେଉଛି କି ? ହଁ ☐ ନା ☐
୨। ଆପଣଙ୍କ ଅଞ୍ଚଳରେ ଧାନ ବିଲ ଅଛି କି ? ହଁ ☐ ନା ☐
୩। ଆପଣଙ୍କ ପରିବାର ମିଳିମିଶି କିଛି କାମ କରନ୍ତି କି ? ହଁ ☐ ନା ☐
୪। ଆପଣ ସେହି କାମରେ ନିଜ ପରିବାରକୁ ସାହାଯ୍ୟ କରନ୍ତି କି ? ହଁ ☐ ନା ☐

**ଶିକ୍ଷକଙ୍କ ନିମନ୍ତେ ସୂଚନା -** ଏହି ପ୍ରଶ୍ନ ମାଧ୍ୟମରେ ସହଭାଗୀ ଶିକ୍ଷାର୍ଥୀମାନେ ତାଙ୍କ କାର୍ଯ୍ୟ ଏବଂ ତାଙ୍କ ପରିବାର ବିଷୟରେ କଥାବାର୍ତ୍ତା କରିବେ । ଉପରେ ଦିଆଯାଇଥିବା ପ୍ରଶ୍ନ ତଳେ ଆଙ୍ଗୁଳି ରଖି ପଢିବେ ଏବଂ ସେମାନେ ହଁ / ନାଁ ପାଖରେ ( ✓ ) ଚିହ୍ନ ଦେବେ ।

## ଦେଖ, ପଢ଼ ଓ ଲେଖ

'ଅ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ରସ ପାଖ ଅରଟ ପାନ

'ଆ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ନଖ ମାଙ୍କଡ ଆଲମାରି ଅଂଶ

'ବ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ସର ଡଙ୍ଗା ବର ଫୁଲ

'ବା' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ବାଉଁଶ ଖାଦ୍ୟ ମାପ ପାଖୁଡା

'ନ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ଦୁଆର କବାଟ ନଖ ଲାଲ

'ନା' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ନଖ ନାଳ ମୁହଁ ଫୁଲ

'ର' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ପାଖୁଡା ପାନ ରସ ନର

'ସ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ବାନର ସର ପାନ ନର

'ପ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ବର ନାଆ ପବନ ଫୁଲ

**ଶିକ୍ଷକଙ୍କ ନିମନ୍ତେ ସୂଚନା -** ସହଭାଗୀ ଶିକ୍ଷାର୍ଥୀଙ୍କୁ ଶବ୍ଦ ପଢିବାରେ ଓ ଲେଖିବାରେ ସୁଯୋଗ ଦେବେ ଓ ଶବ୍ଦ ଲେଖିବା ସମୟରେ ସେମାନଙ୍କୁ ସାହାଯ୍ୟ କରିବେ ଓ ଦିଆଯାଇଥିବା ଅକ୍ଷରରୁ ଆରମ୍ଭ ହେଉଥିବା ଶବ୍ଦ କୁ ଚିହ୍ନଟ କରାଇବେ ଓ ଲେଖିବାର ଅଭ୍ୟାସ କରାଇବେ |

## ଗଣି ସଂଖ୍ୟା ଚିହ୍ନଟ କର




୧

ଗୋଟିଏ ଡଙ୍ଗା




୨

ଦୁଇଟି ପାଉଁଜୀ



୩

ତିନୋଟି ବେଲଣା



୪

ଚାରୋଟି ଆମ୍ବ



୫

ପାଞ୍ଚଟି ଘର



୬

ଛଅଟି ବଗ



୭

ସାତଟି ମାଠିଆ



୮

ଆଠଟି ନଳ




୯

ନଅଟି ଡାଳିମ୍ବ


**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀମାନେ ଚିତ୍ରକୁ ଗଣିବେ ଓ ସଂଖ୍ୟାକୁ ଚିହ୍ନଟ କରିବେ, ସେଥିପ୍ରତି ଧ୍ୟାନ ଦେବେ | ସହଭାଗୀ ଶିକ୍ଷାର୍ଥୀମାନେ ନିଜ ଆଖ ପାଖରେ ଥିବା ଜିନିଷକୁ ଗଣିବେ ଓ ଲେଖିବେ | ଶିକ୍ଷକ ସେଇକି ସୁଯୋଗ ତିଆରି କରିବେ ଯେପରି ଏହି କୋଠରୀରେ କେତେ ଜଣ ବ୍ୟକ୍ତି ଅଛନ୍ତି ?

## ବାମପଟ ବାକ୍ସରେ ଥିବା ସଂଖ୍ୟା ଦେଖି ସମାନ ସଂଖ୍ୟକ ଚିତ୍ରକୁ ଗୋଲ ବୁଲାଅ |

୪ **ଚାରୋଟି ଆମ୍ବ**




୭ **ସାତୋଟି ନଳ**



**ଶିକ୍ଷକଙ୍କ ନିମନ୍ତେ ସୂଚନା -** ସହଭାଗୀ ଶିକ୍ଷାର୍ଥୀଙ୍କୁ ସଂଖ୍ୟା ଚିହ୍ନଟ କରି ତଦ୍ ଅନୁଯାୟୀ ବସ୍ତୁକୁ ଗଣି ଗୋଲ ବୁଲାଇବା ପାଇଁ ଉତ୍ସାହିତ କରିବେ |

## ଗୋଲ ମଧ୍ୟରେ ଦିଆଯାଇଥିବା ବସ୍ତୁକୁ ଗଣି ସଂଖ୍ୟାସହ ଯୋଡ଼ ।




**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀ ଗୋଲ ମଧ୍ୟରେ ଥିବା ବସ୍ତୁକୁ ଗଣି ଲେଖଥିବା ସଂଖ୍ୟା ସହ ଯୋଡିବା ପାଇଁ ଶିକ୍ଷକ ଯତ୍ନବାନ ହେବେ |

- ମୋବାଇଲରେ କେଉଁ ସଂଖ୍ୟା କେଉଁଠି ଅଛି ?




- ନିଜର ବା ନିଜ ପରିଚିତ ବ୍ୟକ୍ତିଙ୍କର ମୋବାଇଲ ନମ୍ବର ଲେଖ ।

____________________

- ଏହି ମୋବାଇଲ ନମ୍ବରରେ କେଉଁ ନମ୍ବରଟି ୧ ରୁ ଅଧିକ ଥର ଟିପା  ଯାଇଛି ?


____________________

- ସଂଖ୍ୟାଟିକୁ ପଢ ଓ ଲେଖ ।

| | | | | | |
|---|---|---|---|---|---|
| ୧ | ୧ | | ୬ | ୬ | |
| ୨ | ୨ | | ୭ | ୭ | |
| ୩ | ୩ | | ୮ | ୮ | |
| ୪ | ୪ | | ୯ | ୯ | |
| ୫ | ୫ | | | | |

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ମୋବାଇଲ ନମ୍ବରର ସଂଖ୍ୟାଗୁଡିକୁ ଲେଖିବାର ଅଭ୍ୟାସ କରିବେ । ଏହି ଅଙ୍କ ଗୁଡିକୁ ପ୍ରଥମେ ବିନ୍ଦୁ ଯୋଡି ଏବଂ ପରେ ସ୍ୱାଧୀନ ଭାବରେ ସହଭାଗୀ ଶିକ୍ଷାର୍ଥୀମାନେ କହିବେ ଓ ଲେଖିବା ପ୍ରତି ଶିକ୍ଷକ ଧ୍ୟାନ ଦେବେ । ଯେଉଁମାନଙ୍କୁ ଅଧିକ ଅଭ୍ୟାସର ଆବଶ୍ୟକତା ରହିଛି ସେମାନଙ୍କୁ ବାରମ୍ବାର ଲେଖିବାର ସୁଯୋଗ ଦେବେ । ମୋବାଇଲ ଉପରେ ଲେଖାଯାଇଥିବା ସଂଖ୍ୟା କୁ ତାର ସଉଂଚନା  ଆଧାରରେ ବୁଝିପାରିବେ ସେଥିପ୍ରତି ଶିକ୍ଷକ ଯତ୍ନବାନ ହେବେ  ( ୧  ରୁ ୯ ପର୍ଯ୍ୟନ୍ତ ଲେଖିବେ )

■ ରାଜାଙ୍କ ପରିବାର ବଳଦ ଗାଡିରେ ଯାଉଛନ୍ତି | ଦେଖ, ଗଣ ଓ ଲେଖ



| | |
|---|---|
| ■ ଗାଡ଼ିରେ ସମୁଦାୟ କେତେଜଣ ବ୍ୟକ୍ତି ଅଛନ୍ତି ? | |
| ■ ଗାଡ଼ିରେ କେତେଜଣ ପୁରୁଷ ଅଛନ୍ତି ? | |
| ■ ଗାଡ଼ିରେ କେତେଜଣ ମହିଳା ଅଛନ୍ତି ? | |
| ■ ଟୋକେଇରେ କେତୋଟି ତରଭୁଜ ଅଛି ? | |
| ■ ଗାଡ଼ିରେ କେତୋଟି ଚକ ଅଛି ? | |
| ■ ଗାଡ଼ିରେ କେତୋଟି ଲଣ୍ଠନ ଅଛି ? | |

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀମାନେ ବସ୍ତୁକୁ ଗଣି ଠିକ ସଂଖ୍ୟା ଲେଖିବାର ଅଭ୍ୟାସ କରିବେ | ପଢ଼ିବା ଓ ଲେଖିବାରେ ସେମାନଙ୍କୁ ସାହାଯ୍ୟ କରିବେ | ସୁଯୋଗ ମିଳିଲେ ଆଖପାଖର ସଂଖ୍ୟାକୁ ଗଣାଇ ପାରିବେ |

ଏହି କବିତାଟିକୁ ମିଳିମିଶି ପଢ

# ଆସ ବାଦଲ


ଆସ ବାଦଲ
'ଆ' ରୁ ଆସ
'ବା' ରୁ ବାଦଲ
'ପା' ରୁ ପାଣି

ବରଷ ପୁଣି
'ଧ' ରୁ ଧରିତ୍ରୀ
'ତ' ରୁ ତାତିଲା
'ନ' ରୁ ନୀର

ନଦୀ ବି ଶଖିଲା
'ପ' ରୁ ପର
'ଚ' ରୁ ଚଢ଼େଇ
'ହ' ରୁ ହସ

ନିଦରୁ ଉଠ ଭାଇ
'ଉ' ରୁ ଉଠିବା
'ଛ' ରୁ ଛାଇ
'ଜ' ରୁ ଜଲଦି

ଝରଣା ବଢ଼ାଇ
'ଝ' ରୁ ଝୁମ ଝୁମ
'ବ' ରୁ ବରଷି
'ଗ' ରୁ ଗରଜି



## ▪ କବିତାରେ ଦିଆଯାଇଥିବା ନିମ୍ନଲିଖିତ ଅକ୍ଷରରୁ ଆରମ୍ଭ ଶବ୍ଦକୁ ଚିହ୍ନଟ କରି ଲେଖ

ଆ ..............

ପ..................

ନ................

ପା.................

## ▪ ଚିତ୍ରଦେଖି ଖାଲିସ୍ଥାନ ପୂରଣ କର ।

୧ . ବ......



୨ . ବାନ.....




୩ . ଡା ......ମ୍ବ



୪ . ବ.....




୫ . ......ମ୍ବ




୬ . .....ଳ



**ଶିକ୍ଷକଙ୍କ ନିମନ୍ତେ ସୂଚନା -** ଶିକ୍ଷକ ସହଭାଗୀ ଶିକ୍ଷାର୍ଥୀଙ୍କ ସହ ମିଶି କବିତାରୁ ଅକ୍ଷର ଓ ଶବ୍ଦକୁ ଚିହ୍ନଟ କରିବେ । ଏହାକୁ ଲେଖିବାରେ ସେମାନଙ୍କୁ ସାହାଯ୍ୟ କରିବେ । କବିତାକୁ ଗାଇ ଗାଇ ପଢିବା ପାଇଁ ପ୍ରୋତ୍ସାହିତ କରିବେ ।


ଡାକ ଘର



## କଥାବାର୍ତ୍ତା ପାଇଁ

୧ । ନିଜ କଥା ଅନ୍ୟ ପାଖରେ ପହଞ୍ଚାଇବା ପାଇଁ ଏହି ଚିତ୍ରରେ କେଉଁ କେଉଁ ମାଧ୍ୟମ ବ୍ୟବହୃତ ହୋଇଛି ।

୨ । ଆପଣ କେବେ ଡାକଘର ଯାଇଛନ୍ତି କି ? ୩ । କେଉଁ କେଉଁ କାମ ପାଇଁ ଆପଣ ଡାକଘର କୁ ଯାଆନ୍ତି ?

୪ । କେଉଁ କେଉଁ ଉପାୟରେ ଆପଣଙ୍କୁ ଖବର ମିଳେ ?

୫ । କଥାବାର୍ତ୍ତା ବ୍ୟତୀତ ମୋବାଇଲ ଅନ୍ୟ କେଉଁ କେଉଁ କାର୍ଯ୍ୟରେ ବ୍ୟବହାର ହୁଏ ?

# ୨ କଥାବାର୍ତ୍ତା

**ଆମେ ଶିଖିବା**

| ଇ | ଈ | ବ | ତ | ମ | ଖ | ଟ | ଚ |
|---|---|---|---|---|---|---|---|

- ୧୦ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିବେ, ପଢ଼ିବେ ଓ ଲେଖିବେ ।
- ୨୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବେ ।

## ଚିତ୍ର ଦେଖି କୁହ




ଖବରକାଗଜ



ମାଇକ



କଥାବାର୍ତ୍ତା



ମୋବାଇଲ



ଚିଠି



ଟେଲିଭିଜନ



ଲଫାପା



ଟେଲିଫୋନ



ଡାକବାକ୍ସ

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀମାନେ ସମସ୍ତ ଚିତ୍ରକୁ ଚିହ୍ନଟ କରିବେ | ଚିତ୍ର ତଳେ ସମ୍ବୋଧିତ ଶବ୍ଦ ଦିଆଯାଇଛି | ଚିତ୍ର ଆଧାରରେ ସେହି ଶବ୍ଦକୁ ପଢିବେ |

## ଚିତ୍ର ଦେଖି ପଢ

ଆପଣଙ୍କ ଘରେ ଏବଂ ଆଖପାଖରେ ଯେଉଁ ସବୁ ଜିନିଷ ବ୍ୟବହାର ହୁଏ ତା ଉପରେ ( ✔ ) ଚିହ୍ନ ଦିଅ |



ରେଡିଓ



ଟେଲିଭିଜନ



ଡାକ ବାକ୍ସ



କଲମ

## ପଢ଼ ଏବଂ ଲେଖ

ଇ



ଇଟା



ଇଡ଼ିଲି

ଈ



ଈଶ



ଈଶ୍ୱର

ବ




ବସ



ବରଗଛ

ବ

ବା



ବାଦଲ



ବାଳକ

ବା

# ବି



ବିଜୁଳି



ବିଲେଇ

ବି

# ବୀ



ବୀଜ



ବୀନ


ବୀ

**ଶିକ୍ଷକଙ୍କ ନିମନ୍ତେ ସୂଚନା** – ସହଭାଗୀ ଶିକ୍ଷାର୍ଥୀଙ୍କୁ ଚିତ୍ର ଦେଖି ପଢିବାରେ ଶିକ୍ଷକ ସାହାଯ୍ୟ କରିବେ ଓ ଲେଖିବାରେ ଅଭ୍ୟାସ କରାଇବେ । ଦିଆଯାଇଥିବା ସ୍ଥାନରେ ଚିତ୍ରର ନାମ ଲେଖାଇବେ ।

ତ



ତବଲା



ତକିଆ

ତା



ତାରା



ତାଲା

ତି




ତିନି



ତିମି ମାଛ

ତି

ତୀ



ତୀର୍ଥ




ତୀର

ତୀ

## ମ



ମକା



ମଗର

## ମା




ମାଲିସ



ମାଲଗାଡି

## ମି




ମିଠେଇ




ମିଲ

ମି

## ମୀ



ମୀନ



ମୀନାର

ମୀ

# ଖ



ଖପର




ଖବର କାଗଜ

# ଖା



ଖାତା



ଖାଦ୍ୟ

କ୍ଷି



କ୍ଷିରୀ



କ୍ଷିଲାଣ

କ୍ଷୀ



କ୍ଷୀନ



କ୍ଷୀରକୋଳି

ଟ



ଟମ ଟମ



ଟନ ଟନ

ଟ

ଟା



ଟାଟା



ଟାଇ

ଟା

## ଟି



ଟିଣ




ଟିକଟ

## ଟୀ



ଟୀକିରା



ଟୀକା

# ଚ



ଚକ



ଚପଲ

# ଚା



ଚାନ୍ଦୁଆ



ଚାଉଳ

## ଚି



ଚିଙ୍ଗୁଡି



ଚିଠି

## ଚୀ



ଚୀର



ଚୀବର

# ବିଦ୍ୟାଳୟକୁ ଚିଠି

୦୪.୦୨.୨୦୨୨

**ଶିକ୍ଷୟତ୍ରୀ ମହୋଦୟ,**

ନମସ୍କାର । ମୋର ଝିଅ ଆପଣଙ୍କର ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢେ ।ଆମେମାନେ ୨ ମାସ ପାଇଁ ଗାଁକୁ ଚାଲି ଯାଇଥିଲୁ । ଏବେ ଫେରିଲୁ ଏବଂ ଜାଣିବାକୁ ପାଇଲୁ ଯେ ବବଲୀର ନାମ କଟିଯାଇଛି ।

ଏଣୁ ବିନୀତ ଅନୁରୋଧ କି ବବଲୀର ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇ ଦିଅନ୍ତୁ ।

ଧନ୍ୟବାଦ

ଆରତୀ

ବବଲୀର ମାଆ




**ଶିକ୍ଷକଙ୍କ ନିମନ୍ତେ ସୂଚନା** -ଶିକ୍ଷକ ସହଭାଗୀ ଶିକ୍ଷାର୍ଥୀଙ୍କୁ ଉପରେ ଦିଆଯାଇଥିବା ଚିଠିକୁ ପଢି ଶୁଣାଇବେ | ତାଙ୍କ ସହିତ ଏହା ଉପରେ କଥାବାର୍ତ୍ତା କରିବେ, ଯେପରିକି ଏହିଭଳି ଆବଶ୍ୟକତା ଆଗରୁ କେବେ ତାଙ୍କର ପଡିଛି କି ? ଆଗକୁ ଦିଆଯାଇଥିବା ପ୍ରଶ୍ନ ତଳେ ଆଙ୍ଗୁଳି ରଖି ପଢିବେ ଏବଂ ସହଭାଗୀ ଶିକ୍ଷାର୍ଥୀ ହଁ / ନା ପାଖରେ ଥିବା ଖାଲି ଘରେ ଠିକ (✓) ଚିହ୍ନ ଦେବେ

## ଉତ୍ତର ଉପରେ ଠିକ (✓) ଚିହ୍ନ ଦେବା ପାଇଁ କହିବେ |

| | | |
|---|---|---|
| ପ୍ରଶ୍ନ ୧ – କେବେ ଆପଣଙ୍କୁ ଚିଠି ଲେଖିବାର ଆବଶ୍ୟତା ପଡିଛି କି ? | ହଁ ☐ | ନା ☐ |
| ପ୍ରଶ୍ନ -୨ – ଆପଣଙ୍କ ଘର ପାଖରେ ଡାକବାକସ ବା ଡାକଘର ଅଛି କି ? | ହଁ ☐ | ନା ☐ |
| ପ୍ରଶ୍ନ – ୩ – ଆପଣ କେବେ ଡାକ ଘରକୁ ଯାଇଛନ୍ତି କି ? | ହଁ ☐ | ନା ☐ |
| ପ୍ରଶ୍ନ – ୪ – ଡାକଘରେ ଆପଣଙ୍କର ସଞ୍ଚୟ ଖାତା ଅଛି କି ? | ହଁ ☐ | ନା ☐ |

## ଦେଖ,ପଢ ଓ ଲେଖ

'ଇ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ଚଟଣି , ଚିନି , ଇଟା , ତିନି

'ଈ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ

ନଖ , ଈଶ, ଆଲମାରି , ବାଟ

'ଖା' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ଖପର, ପାଚନ, ଖାତା, ଖଟା

'ଟା' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ଚିମୁଟା , ଅଟା ,ମାପ, ଟାଇ

'ମୀ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ମାଛ, ମିଠା, ରାଗ, ମୀନ

'ବି' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |

ବିଜୁଳି, ବୀଜ,ବନ,ନାଳ

'ବି' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |
ବିଜୁଳି, ବୀଜ, ବନ, ନାଳ,
'ଖି' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |
କ୍ଷୀର, ଖିରୀ, ରସ, ଖପର
'ଚୀ' ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |
ବାନର, ଚପଲ, ଚିନି, ଚୀର
'ମା 'ରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରି ଲେଖ |
ମାତା, ଚମକ, ବିମା, ଚିମିନୀ

## ମୋ ମନ ପସନ୍ଦର କାର୍ଯ୍ୟ

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀଙ୍କୁ ଶବ୍ଦ ପଢିବାରେ ଓ ଲେଖିବାରେ ସୁଯୋଗ ଦେବେ ଓ ଶବ୍ଦ ଲେଖିବା ସମୟରେ ସେମାନଙ୍କୁ ସାହାଯ୍ୟ କରିବେ ଓ ଦିଆଯାଇଥିବା ଅକ୍ଷରରୁ ଆରମ୍ଭ ହେଉଥିବା ଶବ୍ଦକୁ ଚିହ୍ନଟ କରାଇବେ ଓ ଲେଖିବାର ଅଭ୍ୟାସ କରାଇବେ |

## ଆସ ଗଣି ଚିହ୍ନିବା






ଏହି ନୋଟରେ 5(୫)କେତେ ଥର ଅଛି, ଚିହ୍ନ ଦେଇ ଲେଖ ।






ଏହି ନୋଟ ରେ 10(୧୦)କେତେ ଥର ଅଛି, ଚିହ୍ନ ଦେଇ ଲେଖ ।


## ଆସ ମିଶିକି ଗଣିବା



ଦଶଟି ନଳ ୧୦



ଏଗାରଟି ଖଟ ୧୧



ବାରଟି ପତ୍ର ୧୨



ତେରଟି ଆଲମାରି ୧୩



ଚଉଦଟି ଗୁଡି ୧୪



ପନ୍ଦରଟି ରାକ୍ଷୀ ୧୫



ଷୋହଳଟି ନଡ଼ିଆ ୧୬



ସତରଟି ଡାଳିମ୍ବ ୧୭



ଅଠରଟି ମାଛ ୧୮



ଉଣେଇଶଟି ମୋତି ୧୯



କୋଡିଏଟି ଦିଆସିଲି ୨୦

- ମହିମାଙ୍କ ପରିବାରରେ ୫ ଜଣ ସଦସ୍ୟ ଥିଲେ | ଆଜି ତାଙ୍କ ଘରକୁ ଆଉ ୪ ଜଣ ଲୋକ ଆସିଲେ | ତେବେ ମହିମାଙ୍କ ଘରେ ସମୁଦାୟ କେତେ ଜଣ ଲୋକ ହେଲେ ?








| | | | | | | |
|---|---|---|---|---|---|---|
| ୫ | ଲୋକ | ଆଉ | ୪ | ଲୋକ ମିଶାଇ ହେଲେ | ୯ | ଲୋକ |
| ୫ | | + | ୪ | ମିଶାଇ ହେଲେ | ୯ | |
| ୫ | | + | ୪ | = | ୯ | |


**୫ + ୪ = ୯**

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀଙ୍କୁ ଚିତ୍ର ସାହାଯ୍ୟରେ ଗଣିବାର ସୁଯୋଗ ହେବେ, ଯାହାଦ୍ୱାରା କି ସେମାନେ ୧୦ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାକୁ ଚିହ୍ନଟ କରିପାରିବେ | ଗଣିତରେ ଯୋଗର ଚିହ୍ନ (+) ଏବଂ ବିୟୋଗ ର ଚିହ୍ନ ( - ) ଏବଂ ସମାନ ଚିହ୍ନ (=) କୁ ଚିହ୍ନଟ କରିବେ |


## ୯ ଟି କମ୍ପ୍ୟୁଟରରୁ ୨ ଟି ଖରାପ ହୋଇଗଲା | କୁହ କେତୋଟି କମ୍ପ୍ୟୁଟର ଠିକ ଅଛି ?



କମ୍ପ୍ୟୁଟରରୁ କମ୍ପ୍ୟୁଟର



ଖରାପ ହୋଇଗଲା



ଠିକ ଅବସ୍ଥାରେ ଥିବା କମ୍ପ୍ୟୁଟର


୯ କମ୍ପ୍ୟୁଟର – ୨ କମ୍ପ୍ୟୁଟର ଖରାପ ହୋଇଗଲା = ୭ ଠିକ ଅବସ୍ଥାରେ ଥିବା କମ୍ପ୍ୟୁଟର

୯ – ୨ ରହିଲା = ୭

୯ – ୨ = ୭

**୯ –୨ =୭**

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ଦୈନନ୍ଦିନ ଜୀବନରେ ଏହିଭଳି ପରିସ୍ଥିତି ଆସେ ଯେଉଁଠି ୨ ଟି ସଂଖ୍ୟାକୁ ଯୋଗ କରିବାକୁ ପଡିଥାଏ | ସହଭାଗୀ ଶିକ୍ଷାର୍ଥୀକୁ ଅଲଗା ଅଲଗା ସଂଖ୍ୟାକୁ ନେଇ ଯୋଗ କରିବା ପାଇଁ ଉତ୍ସାହିତ କରିବା ଆବଶ୍ୟକ | ୯ ପର୍ଯ୍ୟନ୍ତ ସଂଖ୍ୟାକୁ ଯୋଗ କରିବା ସହିତ ବିୟୋଗ ମଧ୍ୟ କରିପାରିବେ |



- ଗୋଟିଏ ମୋବାଇଲ କମ୍ପାନୀ ଗୋଟିଏ ଦୋକାନକୁ ୧୮ ଟି ମୋବାଇଲ ଡବା ପଠାଇଲେ | ଦୋକାନୀ ସେଥିରୁ ୬ ଟି ଡବା ଅନ୍ୟ ଦୋକାନୀକୁ ଦେଇଦେଲେ | ତେବେ ଦୋକାନୀ ପାଖରେ ବର୍ତ୍ତମାନ କେତୋଟି ଡବା ରହିଲା ?

**ଉତ୍ତର** ____



- ଡାକବାଲା ପ୍ରଥମ ଦିନ ୮ଟି ଚିଠି ବାଣ୍ଟିଲା | ୨ୟ ଦିନ ସେ ୩ ଟି ଚିଠି ବାଣ୍ଟିଲା | ତେବେ ଡାକବାଲା ସମୁଦାୟ କେତୋଟି ଚିଠି ବାଣ୍ଟିଲା ?

**ଉତ୍ତର** ____


- ତୁମ ପାଖରେ ୨୨ଟି ଆମ୍ବ ଥିଲା । ବନ୍ଧୁଙ୍କୁ ୫ଟି ଦେଇଦେଲ । ଆଉ ତୁମ ପାଖରେ କେତୋଟି ଆମ୍ବ ରହିଲା ?

**ଉତ୍ତର** ____

- ଜିତୁ ପାଖରେ ୨୦ ଟଙ୍କା ଥିଲା | ସେ ୧୫ ଟଙ୍କାର ଫଳ କିଣିଲା | ଏବେ ସେ ଆଉ କେତେ ଟଙ୍କା ଖର୍ଚ୍ଚ କଲେ ତାର ସବୁ ଟଙ୍କା ସରିଯିବ ?

**ଉତ୍ତର** ____

- କାଲକୁଲେଟର ଉପରେ ଲେଖାଯାଇଥିବା ଅଙ୍କଗୁଡିକ ଦେଖ । ଏପରି ଦୁଇଟି ସଂଖ୍ୟା ଲେଖ ଯାହାର ଯୋଗଫଳ ୧୦ ହେବ । ଏହାକୁ କାଲକୁଲେଟରରେ କରି ଚଳାନ୍ତୁ , ଯେପରି କି ପ୍ରଥମେ ୧ ବଟମ + ତାପରେ ୯ ବଟମ ୧୦



ଯେପରିକି-

| | | | | | | | | |
|---|---|---|---|---|---|---|---|---|
| ପ୍ରଥମେ | ୧ | ବଟମ | + | ତାପରେ | ୯ | ବଟମ | | ୧୦ |
| ପ୍ରଥମେ | | ବଟମ | + | ତାପରେ | | ବଟମ | | ୧୦ |
| ପ୍ରଥମେ | | ବଟମ | + | ତାପରେ | | ବଟମ | | ୧୦ |
| ପ୍ରଥମେ | | ବଟମ | + | ତାପରେ | | ବଟମ | | ୧୦ |

**ମନେରଖ**

| | |
|---|---|
| ୧ - 1 | ୬ - 6 |
| ୨ - 2 | ୭ - 7 |
| ୩ - 3 | ୮ - 8 |
| ୪ - 4 | ୯ - 9 |
| ୫ - 5 | ୧୦ - 10 |

- **ମୋ ଶବ୍ଦ**

**ଶିକ୍ଷକଙ୍କ ନିମନ୍ତେ ସୂଚନା -** କଥାବାର୍ତ୍ତା ବିଷୟରେ ସହଭାଗୀ ଶିକ୍ଷାର୍ଥୀଙ୍କ ସହିତ ଖୋଲା ଆଲୋଚନା କରନ୍ତୁ । ସହଭାଗୀ ଶିକ୍ଷାର୍ଥୀଙ୍କୁ ପଚାରି ଏହି ବିଷୟ ସମ୍ପର୍କିତ ୩-୪ ଶବ୍ଦ ଲେଖନ୍ତୁ । ଏହି ଶବ୍ଦ ଟଙ୍କା ନିଜ ମାତୃଭାଷାରେ ମଧ୍ୟ ହୋଇପାରେ, ଯେପରିକି ପିଙ୍ଗୁଳି ପାଇଁ ପେଡା, ମାହା, ଢାମ୍ବ ଇତ୍ୟାଦି ମୋବାଇଲ, ଟେଲିଭିଜନ, ଚିଠି ଆଦି କଥାବାର୍ତ୍ତାର ମୁଖ୍ୟ ସାଧନ ଅଟେ । ଏହା ଉପରେ ଆଲୋଚନା କରିବେ ।

## ଏକ ସାଙ୍ଗରେ ପଢ

ଏହା ଅନ୍ଧାର ନଗରୀର ଏକ ଅଂଶ | ଏହାର ଲେଖକ ଭାରତେନ୍ଦୁ ହରିଶଚନ୍ଦ୍ର ଅଟନ୍ତି | ସେତେବେଳେ ଜିନିଷପତ୍ରର ଓଜନ ଗ୍ରାମ ବା କିଲୋଗ୍ରାମରେ ନ ହୋଇ ସେର, ପା, ଚଟାଙ୍କ ଆଧାରରେ ହୋଇଥିଲା | ସେହିପରି କିଣାବିକାରେ ମଧ୍ୟ ପଇସା ବଦଳରେ ଟଙ୍କା ବ୍ୟବହାର କରାଯାଉଥିଲା |

### ଅନ୍ଧାର ନଗରୀ – ଚୌପଟ ରାଜା, ଟକେ ସେର – ଭାଜି ଟକେ ସେର ଖଜା



**ଦୋକାନୀ** : ଅଟା, ଡାଲି, କାଠ, ଲୁଣ, ଘିଅ, ଚିନି, ମସଲା, ଚାଉଳ, ଟଙ୍କାକେ ସେରେ । (ଗୋବର୍ଦ୍ଧନ ଦାସ ବଜାରରେ ଅଛି । ସେ ଦୋକାନକୁ ଯାଇ ଜିନିଷର ଦାମ ପଚାରୁଛି )|

**ଗୋବର୍ଦ୍ଧନ ଦାସ** : ଭାଇ, ଅଟା ସେରେ କେତେ?

**ଦୋକାନୀ** : ଟଙ୍କାକୁ ସେରେ |

**ଗୋବର୍ଦ୍ଧନ ଦାସ** : ଚାଉଳ?

**ଦୋକାନୀ** : ଟଙ୍କାକୁ ସେରେ |

ଗୋବର୍ଦ୍ଧନ ଦାସ : ଆଉ ଚିନି?

ଦୋକାନୀ : ଟଙ୍କାକୁ ସେରେ |

ଗୋବର୍ଦ୍ଧନ ଦାସ : ଘିଅ?



ଦୋକାନୀ : ଟଙ୍କାକୁ ସେରେ |

ଗୋବର୍ଦ୍ଧନ ଦାସ : କ'ଣ ସତରେ, ସବୁ ଟଙ୍କାକୁ ସେରେ?

ଦୋକାନୀ : ହଁ, ମହାରାଜ, ମିଛ କାହିଁକି କହିବି?

ଗୋବର୍ଦ୍ଧନ ଦାସ : (ପରିବାବାଲା, ପାଖକୁ ଯାଇ ) କ'ଣ ଭାଇ? ପରିବା କେତେ ଅଛି?

ଦୋକାନୀ : ବାବା ମହାରାଜ, ସବୁ ଟଙ୍କାକୁ ସେରେ | ଧନିଆ, ଲଙ୍କା, ଶାଗ, ଲାଉ, ଲେମ୍ବୁ, ଜହ୍ନି |

ଗୋବର୍ଦ୍ଧନ ଦାସ : ବାଃ ବାଃ | ବଡ଼ ଖୁସି କଥା | ଏଠି ସବୁ ଜିନିଷ ଟଙ୍କାଟାରେ ସେତେ | (ମିଠେଇ ଦୋକାନକୁ ଗଲେ) କ'ଣ ଭାଇ, ମିଠେଇ କେତେ ସେର?

ଦୋକାନୀ : ଲଡୁ, ରସଗୋଲା, ଜଲେବି, ଗୋଲାପଜାମୁନ, ଖଜା ସବୁ ସେର ଟଙ୍କାଟେ |

ଗୋବର୍ଦ୍ଧନ ଦାସ : ବାଃ ବାଃ | ଚମତ୍କାର | ବହୁତ ଖୁସି କଥା | ସତ କହୁଛ ନ ଥଟାତାମସା କରୁଛ?


| | | |
|---|---|---|
| ମିଠେଇ ଦୋକାନୀ | : | ହଁ, ବାବା ସବୁ ଜିନିଷର ସେରକୁ ଟଙ୍କାଟେ। ଏହି ନଗରୀରେ ଏଇୟା ଦାମ। |
| ଗୋବର୍ଦ୍ଧନ ଦାସ | : | ଭାଇ । ଏ ନଗରୀର ନାଁ କ'ଣ? |
| ମିଠେଇ ଦୋକାନ | : | ଅନ୍ଧାର ନଗରୀ |
| ଗୋବର୍ଦ୍ଧନ ଦାସ | : | ଏଠାରେ ରାଜା କିଏ? |
| ମିଠେଇ ଦୋକାନୀ | : | ଚୌପଟ ରାଜା |
| ଗୋବର୍ଦ୍ଧନ ଦାସ | : | ବାଃ ବାଃ। ଅନ୍ଧାର ନଗରୀ ଚୌପଟ ରାଜା, ଟକେ ସେର ଭାଜି ଟକେ ସେର ଖାଜା |




ଶିକ୍ଷକଙ୍କ ନିମନ୍ତେ ସୂଚନା - ଏହି କଥାକୁ ପଢି ଶୁଣାଇବେ। ଶିକ୍ଷକ ଓ ସହଭାଗୀ ଶିକ୍ଷାର୍ଥୀ ମିଳିମିଶି ଅଭିନୟ କରିବେ।

## କଥାବାର୍ତ୍ତା କରିବା ପାଇଁ

୧. ଆପଣ ଏହି ଚିତ୍ରରେ କ'ଣ କ'ଣ ଦେଖୁଛନ୍ତି ? ୨. ଚିତ୍ରରେ କିଏ କ'ଣ କରୁଅଛନ୍ତି? ୩. ଆମ ଚାରିପାଖରେ ଥିବା ଚିତ୍ର ସହିତ କ'ଣ ସମାନ ? ୪. ଚିତ୍ରରେ ସମୁଦାୟ କେତୋଟି ଦୋକାନ ଅଛି?




ମୋନାଲିସା ବ୍ୟୁଟି ପାର୍ଲର
ପପୁ ଦୋସା
ଅସଲି ସାହୁ ବ୍ୟାଣ୍ଡ

# ୩ ଆମରି ରହଣି ଓ ଚଳଣି

**ଆମେ ଶିଖିବା**

| ଓ | ଔ | ଝ | ଦ | ଲ | ଗ | କ | ୟ |
|---|---|---|---|---|---|---|---|

- ୨୧ ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟାର ଚିହ୍ନଟ କରିବେ, ପଢ଼ିବେ ଓ ଲେଖିବେ ।
- ଏକକ ଓ ଦଶକ ସଂଖ୍ୟା ଚିହ୍ନଟ କରିବେ ।
- ୧ ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟାର ଯୋଗ ଓ ବିୟୋଗ କରିବେ ।

■ ଦେଖ ପଢ଼ ଏବଂ କଥାବାର୍ତ୍ତା କର ।




ବରଯାତ୍ରୀ



ଦୋଳି




ବାଜା



ଲଗାଇବା



ନାଚ



ପାନ



ଖେଳଣା



ମାଳି



ବେଲୁନ

**ଶିକ୍ଷକଙ୍କ ନିମନ୍ତେ ସୂଚନା -** ସହଭାଗୀ ଶିକ୍ଷାର୍ଥୀମାନେ ଜଣଙ୍କ ପରେ ଜଣେ ସମସ୍ତ ଚିତ୍ରକୁ ଚିହ୍ନଟ କରିବେ । ଚିତ୍ର ତଳେ ତା ସମ୍ବୋଧିତ ଶବ୍ଦ ଲେଖା ଯାଇଛି, ତା ଆଧାରରେ ଶବ୍ଦକୁ ପଢ଼ିବେ । ଚିତ୍ର ତଳେ ଲେଖାଯାଇଥିବା ଶବ୍ଦକୁ ଆଙ୍ଗୁଳି ରଖି ପଢ଼ିବାକୁ ପ୍ରୋତ୍ସାହିତ କରିବେ ।

## କୁହ ଓ ଚିହ୍ନ ଦିଅ

ଆପଣ ଅନେକ ସମୟରେ ମେଳା ଯାଇଥିବେ | ନିମ୍ନରେ ଦିଆଯାଇଥିବା ଚିତ୍ରରୁ ମେଳାରେ ଆପଣ କ'ଣ କ'ଣ ଦେଖିଛନ୍ତି ଠିକ ଚିହ୍ନ ( ✓ ) ଦିଅନ୍ତୁ |



ଗୁପ୍ ଚୁପ ଦୋକାନ



ମାଟି ବାସନ ଦୋକାନ



ଚୁଡି ଦୋକାନ



ଜିଲାପି






ଅଟୋ

ଲକ୍ଷ୍ୟ ଭେଦ





ଆଖୁ ରସ

ଓଟ ଗାଡି

## ଓ




ଓଟ



ଓଉ

## ଔ



ଔପନ୍ୟାସିକ



ଔଷଧ

**ଶିକ୍ଷକଙ୍କ ନିମନ୍ତେ ସୂଚନା -** ସହଭାଗୀ ଶିକ୍ଷାର୍ଥୀ ମାନଙ୍କୁ ଜଣକ ପରେ ଜଣକୁ ଡାକି ଚିତ୍ରକୁ ଚିହ୍ନାଇବାକୁ କହିବେ । ଚିତ୍ର ତଳେ ଲେଖାଯାଇଥିବା ଶବ୍ଦକୁ ଆଙ୍ଗୁଳି ରଖି ପଢିବେ ଓ ସେଥିରୁ ଅକ୍ଷର ମଧ୍ୟ ଲେଖିବେ ।

## ଝ



ଝଗଡ଼ା



ଝରକା

## ଝା



ଝାଡୁ



ଝାଳ

**ଶିକ୍ଷକଙ୍କ ନିମନ୍ତେ ସୂଚନା** - ସହଭାଗୀ ଶିକ୍ଷାର୍ଥୀ ମାନଙ୍କୁ ଚିତ୍ର ଦେଖି ଶବ୍ଦ ପଢିବାରେ ସାହାଯ୍ୟ କରିବେ | ସେଥିରୁ ଅକ୍ଷର ଲେଖାଇବେ ଓ ଦିଆଯାଇଥିବା ଖାଲି ଜାଗାରେ ଚିତ୍ର ନାମ ଲେଖିବେ |

# ଝି



ଝିଅ



ଝିଲି ମିଲି

# ଝୀ



ମାଝୀ

**ଶିକ୍ଷକଙ୍କୁ ନିର୍ଦ୍ଦେଶ** – ଚିତ୍ରକୁ ଦେଖି ଅଂଶଗ୍ରହଣ କାରୀମାନଙ୍କୁ ଶବ୍ଦ ପଢିବାରେ ସାହାଯ୍ୟ କରନ୍ତୁ । ଅକ୍ଷର ଲେଖନ୍ତୁ ଏବଂ ପ୍ରଦତ୍ତ ସ୍ଥାନରେ ଚିତ୍ର ରଖନ୍ତୁ ଓ ନାମ ଲେଖନ୍ତୁ ।

ଦ





ଦର୍ପଣ

ଦରଜି

ଦ

ଦା






ଦାଢ଼ି

ଦାନ୍ତ

ଦା

ଦି







ଦିଆସିଲି

ଦିଗ ସୂଚକ

ଦି

ଦୀ





ଦୀପ

ଦୀର୍ଘ

ଦୀ

ଦୌ



ଦୌଡ



ଦୌଲତ

ୟ



ପୟର



ଗୟଲ

ଲ



ଲଡୁ



ଲଣ୍ଠନ

ଲ

ଲା



ଲାଞ୍ଜ



ଲାଉ

ଲା

ଲି



ଲିଚୁ



ଲିଖନୀ

ଲି

ଲୁ



ଲୁଗା



ଲୁଣ

ଲୁ

ଲୋ



ଲୋଟା



ଲୋରୀ

ଦୁ




ଦୁହିତା



ଦୁଇ

ଗ




ଗଧ




ଗରା

ଗ

ଗା



ଗାମୁଛା



ଗାଈ

ଗା

# ଗି



ଗିଲାସ



ଗିନି

ଗି

# ଗୀ



ଗୀର୍ଜା



ଗୀତ

ଗୀ

## ଗୋ



ଗୋରୁ




ଗୋବର

ଗ

## ଗୁ




ଗୁଆ



ଗୁମ୍ଫା

ଗ

କ



କଲରା



କଦଳୀ

କା



କାରଖାନା



କାର

# କି



କିଆଫୁଲ



କିଶୋର

# କୀ



କୀର୍ତ୍ତନ



କୀଟ

## ▪ ମିଳିମିଶି ପଢ଼ :

# ଦୀପାବଳୀର ଦୀପ

ଦୀପାବଳୀ ରାତି ଆସିଲେ ସମସ୍ତେ ପରସ୍ପର ଘରକୁ ଦୀପ ନେଇ ଯାଆନ୍ତି | ଦୀପ ରଖି କହନ୍ତି – "ରାଜା ଆସିଛନ୍ତି ।  ସାବଧାନ ରୁହ, ଯେପରି ତାଙ୍କୁ ଥଣ୍ଡା ନ ଲାଗେ ।"





ରାଜୁ ଭାଇ ବଜାରକୁ ବାହାରିଗଲା | ବଜାରରେ ଲୋକମାନେ ନିଜ ନିଜ କାମରେ ଲାଗିଥିଲେ। ରାଜୁ ଭାଇ ଦେଖି ଦେଖି ପଚାରି ପଚାରି ନଡ଼ିଆ ବାଲା ପାଖରେ ପହଞ୍ଚିଗଲେ ।|

" ଏ ନଡ଼ିଆବାଲା, ନଡ଼ିଆ କେତେରେ ଦେବୁ?-"
ରାଜୁ ଭାଇ ପଚାରିଲା ।
ନଡ଼ିଆ ବାଲା କହିଲା, " ବାସ, ଦୁଇ ଟଙ୍କାରେ, କକା । "



ରାଜୁ ଭାଇ ଆଖି ବଡ଼ ବଡ଼ କରି କହିଲା,"ଦୁଇ ଟଙ୍କା ! ଦାମ ବହୁତ ବେଶୀ ହେଲା,ଏକ ଟଙ୍କାରେ ଦେଇ ଦେ ।"

ନଡ଼ିଆ ବାଲା କହିଲା, " ନା ବାବା ନା ।"

ରାଜୁ ଭାଇ ଗୁଣୁ ଗୁଣୁ ହୋଇ କହିଲା, "ତ କୁହ, ଏକ ଟଙ୍କାରେ କେଉଁଠି ମିଳିବ?"
ନଡ଼ିଆ ବାଲା କହିଲା- " ଏଠାରୁ କିଛି ଦୂରରେ ଏକ ନଡ଼ିଆ ଗୋଦାମ ଅଛି | ବୋଧହୁଏ ସେଠାରେ ମିଳିଯିବ । "

ରାଜୁ ଭାଇ ନଡ଼ିଆ ଗୋଦାମ ଆଡ଼କୁ ଚାଲିଲେ । ନଡ଼ିଆ ଗୋଦାମରେ ଲୋକମାନଙ୍କର ବଡ଼ ପାଟି ଶୁଣାଯାଉଥିଲା । ରାଜୁ ଭାଇ ମୁଣ୍ଡରୁ ଝାଳ ପୋଛିଲା । ଏପଟ ସେପଟକୁ ଚାହିଁଲା । ପରେ ଏକ ନଡ଼ିଆ ବାଲାକୁ ପଚାରିଲା –" ଆରେ ଭାଇ, ଗୋଟିଏ ନଡ଼ିଆ କେତେରେ ଦେବୁ ?"



"ମାତ୍ର ଏକ ଟଙ୍କା, କକା," - ନଡ଼ିଆ ବାଲା ଉତ୍ତର ଦେଲା |

ରାଜୁ ଭାଇ କହିଲା,"ମୁଁ, ଏତେ ଦୂରରୁ ଆସିଛି | ପଚାଶ ପଇସା ଯଥେଷ୍ଟ |"

ନଡ଼ିଆ ବାଲା ପରା ସଫା ମନା କରିଦେଲା ଆଉ କହିଲା,"ବନ୍ଦରକୁ ଚାଲିଯାଅ, ବୋଧେ ସେଠାରେ ପଚାଶ ପଇସାରେ ମିଳିଯିବ |" ରାଜୁ ଭାଇ ପାଦକୁ ଘୋଷାଡ଼ି ଘୋଷାଡ଼ି ଚାଲିବାକୁ ଲାଗିଲା | ସମୁଦ୍ର କୂଳରେ ଏକ ନାଉରିଆ ବସିଥିଲା |

"ଆରେ ଭାଇ, ଗୋଟିଏ ନଡ଼ିଆ କେତେରେ ଦେବୁ ?"- ରାଜୁଭାଇ ପଚାରିଲା |



"କାକା, ମାତ୍ର ପଚାଶ ପଇସା" – ନାଉରିଆଟି କହିଲା | ରାଜୁ ଭାଇ କହିଲା- "ଏତେ ଦୂରରୁ ପାଦରେ ଚାଲି ଚାଲି ଆସିଲି  ଏବଂ ତୁମେ କହୁଛ ପଚାଶ ପଇସା ?" ମୁଁ ତୋତେ ପଚିଶି ପଇସା ଦେବି?"

ରାଜୁଭାଇ ନଇଁ ନଡ଼ିଆ ଉଠାଇବାକୁ ଯାଉଥିଲା, ନାଉରିଆ କହିଲା, "ନଡ଼ିଆ ତଳେ ରଖି ଦିଅ |" ପୁଣି ସେ ରାଜୁଭାଇ ଆଡକୁ ଦେଖିଲା ଆଉ କହିଲା," ଶସ୍ତାରେ ଦରକାର?" ନଡ଼ିଆ ଗଛର ବଗିଚାକୁ ଚାଲିଯାଅ" |

ରାଜୁଭାଇ ନଡ଼ିଆ ବଗିଚାକୁ ପହଞ୍ଚିଗଲା । ବଗିଚାର ମାଳୀକୁ ନଡ଼ିଆର ଦାମ ପଚାରିଲା | ମାଳୀଟି  କହିଲା ,"ପଚିଶି ପଇସାରେ ଗୋଟିଏ |"

"ପଚିଶି ପଇସା ? ଜୋତା ସରିଗଲା, ପାଦ ଥକି ଗଲା ଏବଂ ପଇସା ବି ଦେବାକୁ ପଡିବ ? ନଡ଼ିଆ ମାଗଣାରେ ଦେଇଦିଅ"- ରାଜୁ ଭାଇ କହିଲା

ମାଳୀ କହିଲା, "ଏଇ ସେ ଗଛ ଆଉ ସେ ସବୁ ନଡ଼ିଆ । ଯେତେ ଚାହୁଁଚ ତୋଳି ନିଅ ।"


ରାଜୁ ଭାଇର ଖୁସି ନ କହିଲ ନ ସରେ । ସେ ସାଙ୍ଗେ ସାଙ୍ଗେ ଗଛ ଉପରେ ଚଢ଼ିଗଲା । ସେ ସବୁଠାରୁ ବଡ଼ ନଡ଼ିଆ ତୋଳିବା ପାଇଁ ଦୁଇ ହାତ ବଢାଇଲା । ଓଃ! ପାଦ ଖସିଗଲା । ରାଜୁ ଭାଇ ପୁରା ନଡ଼ିଆଟିକୁ ଧରି ଗଛରେ ଝୁଲିଗଲା । ତାର ଦୁଇ ଗୋଡ଼ ଶୁନ୍ୟରେ ଝୁଲି ରହିଲା । ସେ ସାହାଯ୍ୟ ପାଇଁ ଡାକ ଛାଡ଼ିଲା । "ଆରେ ଭାଇ ! ସାହାଯ୍ୟ କର ।"



ସେ ତଳେ ଛିଡା ହୋଇଥିବା ମାଳିକୁ ବିନତୀ କଲା । ମାଳୀଟି କହିଲା, "ତାହା ମୋର କାମ ନାହିଁ, କାକା । ଏହା ତୁମର ଓ ତୁମ ନଡ଼ିଆ ଭିତର କଥା । ପଇସା ନାହିଁ, କିଣିବା ନାହିଁ, ବିକିବା ନାହିଁ, ଆଉ ସାହାଯ୍ୟ ବି ନାହିଁ । ସବୁ କିଛି ମାଗଣା! ।"

ସେତେବେଳେ ଓଟ ଉପରେ ବସିଥିବା ଜଣେ ଲୋକ ସେ ପାଖ ଦେଇ ଯାଉଥିଲା । ରାଜୁଭାଇ ଜୋର ଜୋର ପାଟି କରି ଡାକିବାକୁ ଲାଗିଲା । "ଓ, ଓଟବାଲା ! ମୋର ଗୋଡ଼ ଗଛ ଉପରେ ରଖିଦିଅ ନା ,ବହୁତ ଉପକାର ହେବ ।"

ଓଟବାଲା ଓଟର ପିଠି ଉପରେ ଛିଡ଼ା ହୋଇ ରାଜୁଭାଇର ଗୋଡ଼ ଦି'ଟାକୁ ଧରିନେଲା । ଠିକ ସେହି ସମୟରେ ଓଟକୁ ଶାଗୁଆ ଶାଗୁଆ ପତ୍ର ନଜର ଆସିଲା । ପତ୍ର ଖାଇବା ଲୋଭରେ ଓଟ ନିଜ ଜାଗାରୁ ହଟିଗଲା । ବାସ୍, ସେ ଲୋକ ଓଟର ପିଠିରୁ ଖସିଗଲା । ନିଜ ଜୀବନ ବଞ୍ଚାଇବା ପାଇଁ ସେ ରାଜୁ ଭାଇର ଗୋଡକୁ ଖୁବ ଜୋରରେ ଧରିଦେଲା । ଏବେ ଦୁହେଁ କଣ କରିଥୋନ୍ତ? ଏତିକି ବେଳେ ଏକ ଘୋଡ଼ା ଚଢାଳୀକୁ ଦେଖି ରାଜୁଭାଇ ଡାକ ଛାଡ଼ିଲା । "ଓ ମୋର ଭାଇ!ମୋତ ପୁଣି ଥରେ ଗଛ ଉପରେ ପହଞ୍ଚାଇ ଦିଅ ।"





" ହୁଁ"ଘୋଡ଼ା ଚଢାଳୀ ଘୋଡାର ପିଠି ଉପରେ ଛିଡ଼ା ହୋଇଗଲା ।
ସବୁଜ – ସବୁଜ ଘାସ ଦେଖି ଘୋଡା ଟିକେ ଆଗକୁ ଚାଲିଗଲା ।
ଏକ, ଦୁଇ ଆଉ ତିନି ! ତିନି ଜଣ ଯାକ ନଡ଼ିଆ ଗଛରେ ଝୁଲିଗଲେ ।
ଘୋଡ଼ା ଚଢାଳୀ ଝାଳନାଳ ହୋଇ ରାଜୁ ଭାଇକୁ କହିଲା, କାକା! କାକା ! ନଡ଼ିଆଟିକୁ ଜୋରରେ ଧରିଥାଅ । " ମୁଁ ତୁମକୁ ଶହେ ଟଙ୍କା ଦେବି ।"
ଏବେ ଓଟବାଲା ର ପାଳିଥିଲା ,"ମୁଁ ତୁମକୁ ଦୁଇ ଶହ ଟଙ୍କା ଦେବି । "
"ତିନି ଶହ ଟଙ୍କା !" ରାଜୁ ଭାଇର ମୁଣ୍ଡ ବୁଲାଇ ଗଲା । ଏତେ ଗୁଡ଼ାଏ ପଇସା ! ଖୁସି ରେ ସେ ନିଜର ଦୁଇ ହାତ ମେଲାଇ ଦେଲା ....... ଆଉ ନଡ଼ିଆ ଉପରୁ ହାତ ଖସିଗଲା ।
ଢୋ କରି ତିନି ଜଣ ଯାକ ଭୁମି ଉପରେ ପଡ଼ିଗଲେ- ଘୋଡା ଚଢ଼ାଳୀ, ଓଟବାଲା, ଆଉ ରାଜୁ ଭାଇ । ରାଜୁଭାଇ ନିଜକୁ ସମ୍ଭାଳୁ ସମ୍ଭାଳୁ ଗୋଟିଏ ବଡ଼ ନଡ଼ିଆ ତା ମୁଣ୍ଡ ଉପରେ ପଡ଼ିଗଲା । ପୁରାପୁରି ମାଗଣା !

ମମତା ପଣ୍ଡ୍ୟା

ଅନୁବାଦ- ସଂନ୍ଧ୍ୟା ରାଓ

(ଉସ- ରିମ୍ ଝିମ୍, ଶ୍ରେଣୀ-୪,ଏନ୍.ସି.ଇ.ଆର.ଟି)

## କଥାବାର୍ତ୍ତା ପାଇଁ

ପ୍ରଶ୍ନ - ୧ : କାହାଣୀରେ ରାଜୁଭାଇକୁ କୃପଣ କୁହାଯାଇଛି । ସତରେ କ'ଣ ସେ କୃପଣ ଥିଲେ ? ଯଦି ହଁ, ତ କିପରି?

ପ୍ରଶ୍ନ - ୨ : କ'ଣ ତୁମେ ରାଜୁ ଭାଇ ଭଳି ବ୍ୟକ୍ତିକୁ ଜାଣିଛ? ତାଙ୍କ ବିଷୟରେ କୁହ?

ପ୍ରଶ୍ନ - ୩ : ତଳେ ଦିଆଯାଇଥିବା ଜିନିଷଗୁଡିକୁ କିଣିବା ସମୟରେ ତୁମେ କେଉଁ ଦିଗ ଉପରେ ଧ୍ୟାନ ଦେଇଥାଅ ଓ କାହିଁକି?

(କ) ଔଷଧ (ଖ) ଡାଲି (ଗ) ଗହମ (ଘ) ସବୁଜ ପରିବା

## ପଢ ଓ କୁହ

କାହାଣୀକୁ ଆଧାର କରି ଠିକ ବାକ୍ୟ ପାଇଁ (✔) ଏବଂ ଭୁଲ ବାକ୍ୟ ପାଇଁ (×) ଚିହ୍ନ ଦିଅ ।

୧. ରାଜୁଭାଇ ନଡ଼ିଆ ଖାଇବାକୁ ଚାହୁଁଥିଲା । ହଁ ☐ ନାହିଁ ☐

୨. ରାଜୁଭାଇ ବହୁତ କୃପଣ ଥିଲା । ହଁ ☐ ନାହିଁ ☐

୩. ଗୋଦାମରେ ନଡ଼ିଆର ଦାମ ତିନିଟଙ୍କା ଥିଲା । ହଁ ☐ ନାହିଁ ☐

୪. ମାଳି ରାଜୁଭାଇର ସାହାଯ୍ୟ କଲା । ହଁ ☐ ନାହିଁ ☐

୫. ଗଛ ଉପରେ ନଡ଼ିଆ ଦ୍ୱାରା ତିନି ଜଣ ଲୋକ ଝୁଲି ରହିଥିଲେ । ହଁ ☐ ନାହିଁ ☐

**ଶିକ୍ଷକଙ୍କ ପାଇଁ ସୂଚନା-** ସହଭାଗୀଙ୍କ ସହ କୃପଣ ହେବା ଏବଂ ଭାବିଚିନ୍ତି ଟଙ୍କା ପଇସା ଖର୍ଚ୍ଚ କରିବା ଉପରେ ଚର୍ଚ୍ଚା କରିବେ । ପ୍ରାୟତଃ ଦୋକାନ ଗୁଡ଼ିକରେ ରିହାତି ଲାଗିଥାଏ । କ'ଣ ମାଗଣା ନା ରିହାତି ଥିବା ଜିନିଷ ବ୍ୟବହାର ଉପଯୋଗୀ ହୋଇଥାଏ । ଏଭଳି ଘଟଣା ସହଭାଗୀଙ୍କ ସହ ଆଲୋଚନା କରିବେ ।

## ପଢ, କୁହ ଏବଂ ଲେଖ

ପ୍ରଶ୍ନ - ୧ ବଗିଚା ଠାରୁ ଆରମ୍ଭ କରି ବଜାର ପହଞ୍ଚିବା ବେଳକୁ ନଡ଼ିଆର ଦାମ ବଢିଯାଏ ଏପରି କାହିଁକି ହୁଏ ?

ପ୍ରଶ୍ନ - ୨ କେହି ଜିନିଷ ବିକିବା ବା କିଣିବା ସମୟରେ ତୁମକୁ କେଉଁ କେଉଁ ଅସୁବିଧା ସମ୍ମୁଖୀନ ହେବାକୁ ପଡ଼ିଥାଏ?

ପ୍ରଶ୍ନ - ୩ ତୁମ ବଜାରରେ ଏଭଳି କେଉଁ ଜିନିଷ ଅଛି, ଯାହା ଆପଣ କିଣିଥାନ୍ତି? ଏଭଳି କେଉଁ ଜିନିଷ ଅଛି ତାହା ଆପଣ କିଣି ପାରନ୍ତି ନାହିଁ? କାରଣ କଣ?

| କିଣାଯାଇ ପାରୁଥିବା ଜିନିଷ | କିଣାଯାଇ ପାରୁ ନଥିବା ଜିନିଷ | କାରଣ |
|---|---|---|
| | | |
| | | |
| | | |
| | | |
| | | |

ପ୍ରଶ୍ନ - ୪ ରାଜୁଭାଇର ଖୁସିର ସୀମା ରହିଲା ନାହିଁ । ତୁମ ଜୀବନରେ ଖୁସିର ସମୟକୁ କୁହ ଓ ଲେଖ ।

_______________________________________________

_______________________________________________

_______________________________________________

ପ୍ରଶ୍ନ - ୫ ଶୂନ୍ୟସ୍ଥାନ ପୂରଣ କର

(କ) ସେହି ସମୟରେ ଓଟ ଉପରେ ______________ ଜଣେ ଲୋକ ସେପଟେ ଯାଉଥିଲା

(ଖ) ରାଜୁଭାଇର ଦୁଇ ______________ ଶୂନ୍ୟରେ ଝୁଲୁଥିଲା ।

(ଗ) ସେତେବେଳେ ଓଟକୁ ______________ ପତ୍ର ଦେଖାଗଲା ।

(ଘ) ତିନି ଜଣ ______________ କରି ଭୂମି ଉପରେ ପଡିଗଲେ ।

ପ୍ରଶ୍ନ - ୬ ଏହି କାହାଣୀରେ ସଂଖ୍ୟାସୂଚକ ଶବ୍ଦ କେଉଁଠି ପ୍ରୟୋଗ ହୋଇଛି । ଅଙ୍କରେ ଲେଖ ।


| ଏକ ନଡ଼ିଆ = ୧ ନଡ଼ିଆ |
|---|
| ପଚାଶ ପଇସା = ୫୦ ପଇସା |
| __________ = __________ |
| __________ = __________ |
| __________ = __________ |

**ଶିକ୍ଷକଙ୍କ ପାଇଁ ସୂଚନା** - ସହଭାଗୀଙ୍କ ସହ ଦରଦାମ ବୃଦ୍ଧି ବିଷୟରେ ଚର୍ଚ୍ଚା କରିବେ । ଗତ କିଛି ଦିନ ଧରି କେଉଁ ଜିନିଷଗୁଡ଼ିକ ମହଙ୍ଗା ହୋଇଛି? ଏଭଳି କେଉଁ ଜିନିଷ ଅଛି ଯାହା ମହଙ୍ଗା ହେଲେ ବି ତୁମକୁ ଫରକ ପଡିବ ନାହିଁ । ଏମ. ଆର. ପି., ଖୁଚୁରା, ହୋଲସେଲ, ଆଦି ଶବ୍ଦ ଗୁଡିକର ବୁଝିବା ଉପରେ ଚର୍ଚ୍ଚା କରିବେ ।

# ସୁହାନୀ ଆଙ୍କିଥିବା ଚିତ୍ର

ସୁହାନୀ ଆଙ୍କି ଥିବା ଚିତ୍ର ସିନେମା ଘର କାନ୍ଥରେ ମଧ୍ୟ ରହିଛି

ସେ ତ୍ରିକୋଣ (▲), ଚତୁଃକୋଣ (■) ବା ( ▬ )ଏବଂ ଗୋଲାକାର (●) ଆକୃତି ସାହାଯ୍ୟରେ କିଛି ଚିତ୍ର ଅଙ୍କନ କର ।



ସୀମା ଗଣିକରି ଜାଣିବାକୁ ଚାହେଁ କି ସୁହାନୀ କେତୋଟି ଗୋଲ, ତ୍ରିକୋଣ, ଚତୁର୍ଭୁଜ ଦ୍ୱାରା ଏହି ଚିତ୍ର ସବୁ କରିଛି । କ'ଣ ତୁମେ ସୀମାକୁ ସାହାଯ୍ୟ କରିବ ?

ମୋଟ ତ୍ରିକୋଣ (▲)

ମୋଟ ଚତୁଃକୋଣ (■ ବା ▬)

ମୋଟ ଗୋଲାକାର (●)

**ଶିକ୍ଷକଙ୍କ ପାଇଁ ସୂଚନା** - ନିଜ ଆଖ ପାଖ ଏବଂ ଦୈନନ୍ଦିନ ଜୀବନରେ ଦେଖୁଥିବା ଆକୃତି ଗୁଡିକୁ ଚିହ୍ନିବାରେ ସହଭାଗୀଙ୍କୁ ସାହାଯ୍ୟ କରିବେ ।


ତୁମେ ବି ତ୍ରିକୋଣ (▲), ଚତୁଃକୋଣ (■)ବା (▬)ଏବଂ ଗୋଲାକାର(●) ଆକୃତି ସାହାଯ୍ୟରେ କିଛି ଚିତ୍ର ଅଙ୍କନ କର ।

## ନିଜ ପାଖାପାଖିରେ ଥିବା ବସ୍ତୁଗୁଡ଼ିକ ଦେଖ ଓ ଲେଖ ।

| | | | | | |
|---|---|---|---|---|---|
| ଗୋଲ | ● | ସାଇକେଲ ଚକ | | | |
| ତ୍ରିକୋଣ | ▲ | ସିଙ୍ଗଡା | | | |
| ଚତୁଃକୋଣ | ■ | ରୁମାଲ | | | |
| ଚତୁଃକୋଣ | ▬ | ଦୁଆର | | | |

# ଡିଜାଇନ ଓ ସଂରଚନା

ଅନୋଖି ମେଳାରେ  ଭିନ୍ନ ଭିନ୍ନ ପ୍ରକାରର ପତାକାର ଝାଲେରି ଡିଜାଇନ ଦେଖିଲା । ସେ ତା ନିଜ ପାଇଁ କିଛି ଡିଜାଇନ କଲା । ତୁମେ ଅନୋଖିକୁ ଏହି ପତାକା ଡିଜାଇନ କରିବାରେ ସାହାଯ୍ୟ କରିବ କି?



ଅନୋଖି ମେଳାରୁ କିଛି ଦରି କିଣିଲା

ତୁମେ ଏହି ଦରିରେ କି କି ଆକୃତିର ଚିତ୍ର ଦେଖୁଛ? ତା'ର ଚିତ୍ର କର ।





ସିଧା ରେଖାରେ ହେଉଥିବା ଆକୃତି



ଅଙ୍କା ବଙ୍କା ରେଖାରେ ହେଉଥିବା ଆକୃତି



କୌଣସି ଡିଜାଇନରେ କିଛି ଆକୃତି ବାରମ୍ବାର ଆସିବା କାରଣ କ'ଣ? ଅନୋଖି ଏଇ ପତାକା ଡିଜାଇନ କଲାପରେ ନିଜ ପାଇଁ ବସିବାର ଗୋଟିଏ ଆସନ ମଧ୍ୟ ତିଆରି କଲା । ତୁମେ ଅନୋଖିର ଆସନ ପୁରା କରିପାରିବ କି?





| | | | |
|---|---|---|---|
| ୩ | ୬ | ୯ | ୯ |

## ତୁମେ କହିପାରିବ କି ଚିତ୍ରର କେତୋଟି କୋଣ ଅଛି?

- କ'ଣ ତୁମେ କହି ପାରିବ ଖାଲି ସ୍ଥାନରେ କେଉଁ ସଂଖ୍ୟା ଆସିବ ।

| | | | | | | |
|---|---|---|---|---|---|---|
| ୨ | ୪ | ୬ | ୮ | | | |
| ୩ | ୬ | ୯ | ୧୨ | | | |
| ୩ | ୭ | ୧୧ | ୧୫ | | | |
| ୧୦ | ୨୦ | ୩୦ | ୪୦ | | | |

**ଶିକ୍ଷକଙ୍କୁ ନିର୍ଦ୍ଦେଶ-** ସହଭାଗୀ ଶିକ୍ଷାର୍ଥୀଙ୍କ ସହ ଚର୍ଚ୍ଚା କରିବେ ଯେ ଆକୃତି ସିଧା ରେଖା ବା ଅଙ୍କାବଙ୍କା ରେଖା ବା ଉଭୟ ରେଖା ଦ୍ୱାରା ହୁଏ । ସଂରଚନାରେ କିଛି ଆକୃତିର ବାରମ୍ବାର ପୁନରାବୃତ୍ତି ହୋଇଥାଏ ।

## ମିଶିକରି ପଢ

ଓଡିଶାର ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବା ହୋ ସମ୍ପ୍ରଦାୟର ଆଦିବାସୀ ମାନେ ଫଗୁଣ (ଫେବୃଆରୀ- ମାର୍ଚ୍ଚ) ମାସରେ ବା' ପରବ (ଫୁଲ ଭାଙ୍ଗୁଣୀ ପର୍ବ) ପାଳିଥାନ୍ତି । ଏହି ସମ୍ପ୍ରଦାୟ ର ସବୁଠାରୁ ବଡ଼ ପର୍ବ 'ମାଗେ' ପରବ । ଏହା ମାଘ ମାସ (ଜାନୁଆରୀ - ଫେବୃଆରୀ) ମାସରେ ଖୁବ ଜାକଜମକରେ ପାଳିତ ହୁଏ । ଏହା ପାଳନ କଲାପରେ କୌଣସି ଏକ ନିର୍ଦ୍ଦିଷ୍ଟ ଦିନରେ ସବୁ ଗାଁରେ ଏହି ପର୍ବକୁ ପାଳନ କରାଯାଏ । ଏପରି ପରିସ୍ଥିତିକୁ ବିଷୟବସ୍ତୁ କରିଥିବା ବା' ପରବ ଗୀତ ।

# ବା' ପରବ



ନକନ୍ ହାତୁ ରେକ ମାଗେନ୍ ତାନା
ବିରଜା ବିରଜିଲୁ ସାକଆତ ରୁମୁଲ୍ ତାନା
ନକନ୍ ହାତୁରେକ ବା' ପରବ ତାନା
ଦୁଣା ଦୁପ୍ ନୁଲି ବାଜା ସଜାନ୍ ତାନା
କୁପୁଲ୍ ଚେତାନ୍ କୁପୁଲ୍ ଦକ ହୁଜୁଃଉ୍ ତାନା
ବାଜିମାତା ଲେନା ଚିରେ ଲଆମାତା ଲେନା
ଚେଣେ ଚେତାନ୍ ଚେଣେ ଦକ ନାଁ ଣାଗୁନ୍ ତାନା

ଓଡିଆ ଅର୍ଥ -

ଏ କେଉଁ ଗାଁ ଲୋକେ ପାଳୁଛନ୍ତି ମିଶି ମାଗେ ପରବ
ଶୁଭ ଶଙ୍ଖ ବାଜେ, ଉଛୁଳି ପଡୁଛି ଶିଙ୍ଗା ଶବଦ,
ଏକେଉଁ ଗାଁ ଲୋକେ ପାଳୁଛନ୍ତି ପୁଣି ବା' ପରବ



ଦୀ, ଝୁଣା ଧୂପ ଚହଟି ଉଠୁଛି ଫୁଲ ସୁଗନ୍ଧ
ଘରେ ଘରେ ଯେତେ ସବୁ କୁଣିଆଙ୍କ ଭିଡ ଜମିଲା
ପେନ୍ଥା ପେନ୍ଥା ପାଚିଲା ବର ଫଳ
ପାଚେ ପେନ୍ଥା ପେନ୍ଥା ଡିମିରି ଫଳ
ଆକାଶରୁ ଉଡି
ଆସନ୍ତି ଚଢେଇ ପଲକୁ ପଲ ।

## ନୂଆ ଶବ୍ଦର ଅର୍ଥ ଜାଣିବା

୧. ହାତୁ - ଗାଁ ୨. ସାକଆ - ଶଙ୍ଖ, ୩. ବା' ପରବ- ଫୁଲ ଭାଙ୍ଗୁଣୀ ପର୍ବ, ୪. କୁପୁଲ - କୁଣିଆ ବାଜି - ବର, ୬. ମାଡା - ପାଚିଲା, ୭. ଲଆମାଡା - ପାଚିଲା ଡିମିର, ୮. ଚେଣେ - ଚଢେଇ

## ମୋର ଶବ୍ଦ

**ଶିକ୍ଷକଙ୍କୁ ନିର୍ଦ୍ଦେଶ** - 'ମନୋରଞ୍ଜନ' ବିଷୟରେ କଥାବାର୍ତ୍ତା କରିବେ । ସହଭାଗୀ ଶିକ୍ଷାର୍ଥୀଙ୍କୁ ପଚାରି ଏହି ବିଷୟ ସହ ସମ୍ପର୍କିତ ୩-୪ ଶବ୍ଦ ଲେଖିବେ । ଏହି ଶବ୍ଦ ସେମାନଙ୍କ ନିଜ ଭାଷାର ମଧ୍ୟ ହୋଇପାରେ । ସହଭାଗୀଙ୍କ ସହ ମିଶି ଗୀତ, ଭଜନ ଓ ଲୋକଗୀତ ଗାଇବେ ।

## କଥାବାର୍ତ୍ତା ପାଇଁ


୧.ଏହି ଲୋକଗୀତ କେବେ ଓ କେଉଁଠାରେ ଗାନ କରାଯାଏ?

୨.ତୁମର କୌଣସି ଲୋକଗୀତ ମନେ ଅଛି କି? ବୋଲ ।

### ମିଳିମିଶି ପଢ ଓ କଥା ହୁଅ

## କୁହୁକ ଲଣ୍ଠନ

ସମଗ୍ର ସଂସାରରେ ସିନେମା ଚାଲିଛି । ତା'ର ଗୋଟେ ନିଜସ୍ୱ ସଂସାର ଅଛି । ମାତ୍ର ୩ ଘଣ୍ଟା ଶୋ ରେ ଏକ ହଜାର ଲୋକ ଏକାଠି ରହନ୍ତି । ଧନୀ, ଗରୀବ, ଜାତି ପାତି ଉଚ୍ଚ ନୀଚ ସମସ୍ତେ ଭେଦଭାବ ଭୁଲି ଏକାଠି ହସନ୍ତି - କାନ୍ଦନ୍ତି, ଖୁସି ହୁଅନ୍ତି, ମଜା କରନ୍ତି, ଭାବନ୍ତି ଓ ବୁଝନ୍ତି ।



ଭାରତ ଭଳି ବଡ ଦେଶ ରେ ସିନେମା ର ବହୁତ ବଡ ଭୂମିକା ରହିଛି ଯାହା ଦେଶ ଓ ସମାଜକୁ ଯୋଡ଼ିଥାଏ । ହିନ୍ଦୀ ସିନେମା କେବଳ ହିନ୍ଦୀ ପ୍ରଦେଶରେ ପ୍ରଶଂସିତ ହୁଏ ନାହିଁ ବରଂ ଏହା ଦକ୍ଷିଣ ଭାରତରେ ମଧ୍ୟ ବହୁତ ଆଗ୍ରହର ସହିତ ପ୍ରେକ୍ଷାଳୟ ମାନଙ୍କରେ ଚାଲିଥାଏ । ହିନ୍ଦୀ ସିନେମା ରେ ଦକ୍ଷିଣ ର ଅଣହିନ୍ଦୀ ଫିଲ୍ମ ର ଧୁନ୍ ଏବଂ  ଗୀତ-ସଙ୍ଗୀତଆଦି ବହୁତ ପ୍ରସିଦ୍ଧ ହେଉଛି ।

ସିନେମାର ଅନ୍ୟନାମ ଚଳଚିତ୍ର । ଏହାକୁ କୁହୁକ ଲଣ୍ଠନ ମଧ୍ୟ କୁହାଯାଏ । ଆଗାମୀ ଶହେ ବର୍ଷରେ ଏହାର ପ୍ରଭାବ ଅଧିକ ଉଜ୍ଜ୍ୱଳମୟ ହେବ ବୋଲି ଆମେ ଆଶା କରୁଛୁ ।

ପ୍ରେମରଞ୍ଜନ ଅନିମେଷ
(ସ୍ରୋତ - ଶହେ ବର୍ଷର ସିନେମା)

# ଟିପ୍ପଣୀ

# ୧୨ ଆର୍ଥିକ ସାକ୍ଷରତା

**ଆମେ ଶିଖିବା**

- ବ୍ୟାଙ୍କ ଖାତା ଖୋଲିବା ସମ୍ପର୍କିତ ଜ୍ଞାନକୁ ପ୍ରୟୋଗ କରିବେ ।
- ବ୍ୟାଙ୍କ ସମ୍ପର୍କିତ ଫର୍ମ ପଢିବା, ବୁଝିବା (ଏବଂ ପୂରଣ କରିବା, ଚେକ, ଜମା ଫର୍ମ, ନଗଦ ଉଠାଇବା ଫର୍ମ)

## ମୋ ଖାତା ମୋ ସମ୍ପତ୍ତି

ସବିତା ତାର କୁମ୍ପି ଭାଙ୍ଗିଦେଲା । ବହୁତ ନୋଟ୍ ତଥା ମୁଦ୍ରା ଠନ୍ ଠନ୍ ଶବ୍ଦ କରି ପଡିଗଲା । ସବିତା ଗଣିଲା, ପୁରା ୨୫୭୩ ଟଙ୍କା ଥିଲା । ଏହି ପଇସାକୁ ସେ ବଡ ଯତ୍ନର ସହିତ ଏକାଠି କରିଥିଲା । ଏବେ ପ୍ରଶ୍ନ ଉଠୁଛି, ଏହାକୁ ସେ କିପରି ସାଇତି ରଖିବ ? ପରାମର୍ଶ ନେବା ପାଇଁ ଅନୁ ପାଖକୁ ଗଲା । ସବିତା ଓ ଅନୁ ଭଲ ସାଙ୍ଗ ଥିଲେ ।

ଅନୁ ପରାମର୍ଶ ଦେଲା ବ୍ୟାଙ୍କରେ ଜମା କରିଦେ କିମ୍ବା ଡାକ ଘରେ ଖାତା ଖୋଲିଦେ । ସବିତା ରାଗିଗଲା, "ବ୍ୟାଙ୍କକୁ ପଚିଶ ଥର ଯାଇସାରିଛି, କେହି ପଚାରିଲେ ନାହିଁ।" ଅନୁ କହିଲା ,"ଏବେ ଆଉ ସେମିତି ନୁହେଁ"। ବହୁତ ଯୁକ୍ତି ହେଲା, ଶେଷରେ ସବିତା ମାନିଲା । ଦୁଇଜଣ ବ୍ୟାଙ୍କ ଗଲେ । ସେଠାରେ ଏକ ବୋର୍ଡ ଲାଗିଥିଲା।

ବୋର୍ଡକୁ ପଢି ଦୁଇଜଣ ମୁରୁକି ହସିଲେ, ସେଠାରେ ଆଉ ସବୁ କଥା ଜାଣିଲେ । ଜନ-ଧନ ଯୋଜନା ଆଧାରରେ ଖାତା ଖୋଲିବ । ଜମାରାଶି ନଥାଇ ଖାତା ଖୋଲିବ । ଏହା ସହିତ ଲୋନ୍ ର ସୁବିଧା ମିଳିବ । ଦୁର୍ଘଟଣା ବୀମା ମଧ୍ୟ ଏବଂ ସମୟ ସମୟରେ ସରକାରଙ୍କ ଦ୍ୱାରା ପାଇବାକୁ ଥିବା ଆର୍ଥିକ ସହାୟତା ମଧ୍ୟ ସିଧା ବ୍ୟାଙ୍କ ଖାତାରେ ଜମା ହୋଇଯିବ ।

ଦୁଇଜଣ ଆଶ୍ଚର୍ଯ୍ୟ ତଥା ଖୁସି ହେଲେ । ସେମାନେ ଜାଣିଥିଲେ ବ୍ୟାଙ୍କରେ ଟଙ୍କା ସୁରକ୍ଷିତ ରହେ । ସୁଧ ମଧ୍ୟ ମିଳିବ, ଏତେ ସବୁ ଲାଭ! ବାଃ କି ଖୁସିର କଥା !

ତେବେ ଅନୁ ଓ ସବିତା କାହିଁକି ଖାତା ଖୋଲିବେନି । ଦୁଇଜଣ ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଫର୍ମ ଭରିଲେ ସବିତା ଭୋଟ ପରିଚୟ ପତ୍ର ଓ ଆଧାର ପରିଚୟ ପତ୍ର ଫର୍ମ ସହିତ ଦେଲା, ଯେଉଁଥିରେ ତାର ଘରର ସମ୍ପୂର୍ଣ୍ଣ ଠିକଣା ଥିଲା ।

ଅନୁର ଏ.ଟି.ଏମ କାର୍ଡ ହଜି ଯାଇଥିଲା ସେ ସରପଞ୍ଚଙ୍କ ଠାରୁ ଚିଠି ଲେଖେଇ ଆଣିଲା ।

କିଛି ଦିନ ପରେ ଡାକବାଲା ଏ.ଟି.ଏମ କାର୍ଡ ଦେଇଗଲା । ସେ ଯେକୌଣସି ବ୍ୟାଙ୍କର ଏ.ଟି.ଏମ ମେସିନରୁ ଟଙ୍କା ଉଠାଇ ପାରିଲା ।

ଏ.ଟି.ଏମ କାର୍ଡ ପାଇ ଦୁଇଜଣ ବହୁତ ଖୁସି ଥିଲେ ଅନୁ କହିଲା- ଆମର ତ ସମ୍ମାନ ବଢିଗଲା । ଆମେ ତ ବର୍ତ୍ତମାନ ଖାତାଧାରୀ ।

## "ମୋ ଖାତା ମୋ ସମ୍ପତ୍ତି"

- ବ୍ୟାଙ୍କରେ ଖାତା ଖୋଲ ।
- ସାହୁକାର ଠାରୁ ମୁକ୍ତି ମିଳିବ ।
- ଖାତା ଖୋଲିବା ହେଲା ବହୁତ ସହଜ । ଛୋଟ ଫର୍ମଟିଏ ପୂରଣ କର ।
- ସାଥିରେ କୌଣସି ପରିଚୟ ପତ୍ର ଲଗାଅ ।
- ଯଦି ପୂର୍ବରୁ ଖାତା ଖୋଲାଯାଇଛି, ତେବେ ଜନ-ଧନ ଯୋଜନା ସହ ଯୋଡିଦିଅ ।

## ବାମ ପାଖର କଥାକୁ ଡାହାଣ ପାଖର କଥା ସହ ଯୋଡି ବାକ୍ୟ ପୁରାକର -

| | |
|---|---|
| • ବ୍ୟାଙ୍କରେ ଖାତା | • ପରିଚୟ ପତ୍ର ଲଗାଇବାକୁ ପଡିବ |
| • ବ୍ୟାଙ୍କରେ ଟଙ୍କା | • ଜମା ଟଙ୍କାରେ ଖୋଲିବ |
| • ଖାତା ବିନା | • ଏ.ଟି.ଏମ କାର୍ଡ ନେଇଗଲା |
| • ଡାକବାଲା | • ଖୋଲିବା ସହଜ ହେଲା |
| • ଫର୍ମ ସହିତ | • ସୁରକ୍ଷିତ ରହିଥାଏ । |

# ପଢ଼, କୁହ ଓ ଲେଖ

ପ୍ରଶ୍ନ - ୧ ଅନୁ ସବିତାକୁ ପଇସା ଜମା କରିବା ପାଇଁ କେଉଁ ପରାମର୍ଶ ଦେଲା?

ପ୍ରଶ୍ନ- ୨ ଆପଣଙ୍କର କ'ଣ ବ୍ୟାଙ୍କରେ ଜମା ଖାତା ଅଛି?

ପ୍ରଶ୍ନ-୩ ତୁମେ ବ୍ୟାଙ୍କରୁ ଟଙ୍କା ଉଠାଇବା ସମୟରେ କିମ୍ବା ଜମା କରିବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଛ କି କୁହ?

## ଉପଯୁକ୍ତ ଶବ୍ଦ ବ୍ୟବହାର କରି ବାକ୍ୟ ପୂରଣ କର-

୧. ଖାତା ______________ ରେ କିମ୍ବା ______________ ରେ ଖୋଲିବା ଉଚିତ୍ ।

୨. ନିଜ ________________ ଅନୁସାରେ ଖର୍ଚ୍ଚ କରିବା ଉଚିତ୍ ।

୩. ଜମା ରାଶି ଉପରେ ________________ ମିଳିଥାଏ ।

୪. ବ୍ୟାଙ୍କରେ ଖାତା ଖୋଲିବା ପାଇଁ___________, __________ ଓ ___________ ର ଆବଶ୍ୟକ ପଡିଥାଏ ।

## ଦିଆଯାଇଥିବା ଫର୍ମ ପୂରଣ କର -

| | |
|---|---|
| ନାମ | ........................................ |
| ବୟସ | ........................................ |
| ଲିଙ୍ଗ | ........................................ |
| ଠିକଣା | ........................................ |
| ବାର୍ଷିକ ଆୟ | ........................................ |
| ମୋବାଇଲ ନମ୍ବର | ........................................ |

## ଦେଖ, ପଢ ଓ କଥାବାର୍ତ୍ତା ହୁଅ





ପଇସା ଜମା କରିବା ପାଇଁ ଫର୍ମ




ପଇସା ଉଠାଇବା ପାଇଁ ଫର୍ମ




ଏ.ଟି.ଏମ୍ କାର୍ଡ




ପାସ ବୁକ୍




ଚେକ୍





୨୦ ଟଙ୍କିଆ ନୋଟ




ଏ.ଟି.ଏମ ମେସିନ


## ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇବା କିମ୍ବା ଅନ୍ୟକୁ ଟଙ୍କା ପଠାଇବା ପାଇଁ ଚେକ୍ ଉପଯୋଗ କରାଯିବ । ଚିତ୍ର ଦେଖି ଚେକ୍ ଭରିବାର ଅଭ୍ୟାସ କର ।





## ବ୍ୟାଙ୍କରେ ଟଙ୍କା ଜମା କରିବାପାଇଁ ଏକ ଫର୍ମ ପୂରଣ କରିବାକୁ ପଡେ । ଚିତ୍ର ଦେଖି ଜମା ଫର୍ମକୁ ବୁଝ ।



## ଯେମିତି ବ୍ୟାଙ୍କ ଖାତାରେ ଟଙ୍କା ଜମା କରିବା ପାଇଁ ଫର୍ମ ପୂରଣ କରିବାକୁ ପଡିଥାଏ, ସେମିତି ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇବା ପାଇଁ ଏକ ଫର୍ମ ପୂରଣ କରିବାକୁ ପଡିଥାଏ। ଚିତ୍ର ଦେଖ, ସହଜରେ ବୁଝିପାରିବ ।





## ରୁବିନା କୁ ରବି ୭୩୦୦ ଟଙ୍କା ଦେବାର ଅଛି । ଏଥିପାଇଁ ଚେକ୍ ଭରିବାକୁ ରବି କୁ ସାହାଯ୍ୟ କର ।



ରାମର ବ୍ୟାଙ୍କରେ ୧୭୦୦ ଟଙ୍କା ଜମା କରିବାର ଅଛି । ଟଙ୍କା ଜମା କରିବା ଫର୍ମ ପୂରଣ ପାଇଁ ରାମକୁ ସାହାଯ୍ୟ କର ।


## ଟଙ୍କା ଜମା କରିବା ଫର୍ମ


जमापर्ची PAY-IN-SLIP नकदी/अंतरण CASH/TRANSFER
भारतीय स्टेट बैंक STATE BANK OF INDIA
शाखा/Branch
दिनांक/Date ........ 20....
TYPE OF ACCOUNT : SB/CA/RD/CC/TL
खाता सं./A/c No.
For the credit of the Bank Account of
Details of Cash/Cheques (Overleaf)
Cash Deposit in the A/c
Cash handling Chrg.
Total Deposit
रुपये (शब्दों में)/Rupees (in words)
कार्यालय उपयोग हेतु/For Office Use
एसडब्ल्यूओ/SWO
Cash Officer/Passing Officer

CC NO. 100999131
भारतीय स्टेट बैंक / STATE BANK OF INDIA
जमापर्ची PAY-IN-SLIP
शाखा / Branch
नकदी/अंतरण CASH/TRANSFER
Please use separate slips for depositing cash, cheque, drafts etc.
दिनांक/Date ........ 20....
खाते का प्रकार / Type of Account ( ✓ )
खाता सं./Account No.
बचत बैंक /SB | चालू खाता / CA | आवर्ती जमा /RD | कैश क्रेडिट / CC | सावधि ऋण / TL
के खाते में जमा करने हेतु / For the credit of the Bank Account of
नोट : कृपया नकद/चेक की विवरण दूसरी ओर लिखें / NOTE : Please furnish details of cash/cheque overleaf
₹ | पै./P
खाते में नकद जमा / Cash Deposit in the Account
Cash Handling Chg. (COCA-other than 'P' Segment Cust.)
कुल जमा राशि (शब्दों में) / Total Deposit (in words) ₹
मोबाइल/टेलीफोन नं. / Mobile/Telephone No.
पैन नं. / PAN No.
शाखा/Branch
कोड नं./Code No
(If Deposit is made for Non Home Branch)
जमाकर्ता के हस्ताक्षर / Signature of the Depositor
कार्यालय उपयोग हेतु / For Office Use
एसडब्ल्यूओ/SWO
कैश अधिकारी/पासकर्ता अधिकारी / Cash Officer/Passing Officer
CSO.FBD.: 9801/08.03.2013/1Lac Pads/Samira

ଅନୁକୁ ବ୍ୟାଙ୍କରୁ ୨୦୦୦ ଟଙ୍କା ଉଠାଇବାର ଅଛି । ଟଙ୍କା ଉଠାଇବା ପାଇଁ ଫର୍ମ ପୂରଣ କରିବାକୁ ଅନୁକୁ ସାହାଯ୍ୟ କର ।

## ଟଙ୍କା ଉଠାଇବା ପାଇଁ ଫର୍ମ


खाताधारक का (के) नाम / Name of the Account Holder(s)........................
भारतीय स्टेट बैंक STATE BANK OF INDIA
शाखा / BRANCH
बचत बैंक आहरण फार्म
SAVINGS BANK WITHDRAWAL FORM
दिनांक Date ..................
नोट : यह फार्म चेक नहीं है। इस फार्म के साथ पासबुक प्रस्तुत नहीं किए जाने पर भुगतान के लिए इनकार किया जाएगा। यह भुगतान केवल मूल (होम) शाखा में ही किया जाएगा।
NOTE : This form is not a Cheque. Payment will be refused if the pass book is not produced with this form. This payment will be made only at the Home Branch.
खाता संख्या ACCOUNT NUMBER
कृपया मुझे / हमें Please pay self/ourselves ₹.............................. (₹ ..............................
.............................................................. मात्र/ only)
का भुगतान करें और मेरे /हमारे उपर्युक्त बचत/बैंक खाते को यह राशि नामे करें / and debit the amount to my/our above savings bank account.
फोन/मोबाइल नं./Phone/Mobile No.
खाताधारक (कों) के हस्ताक्षर Signature(s) of the Account Holder(s)
कार्यालय उपयोग हेतु/FOR OFFICE USE
पासकर्ता/Passed by | हस्ताक्षर/Signature | पासकर्ता/Passed by | हस्ताक्षर/Signature
एसडब्ल्यूओ/SWO | | पासकर्ता अधिकारी/PASSING OFFICER |

## ସବିତାର ପଡୋଶୀ ଅନୁ ତାକୁ ପଚାରିଲା, ବ୍ୟାଙ୍କରେ ଖାତା ଖୋଲିଲେ କ'ଣ ଲାଭ ହେବ?




ସବିତା- ବ୍ୟାଙ୍କ ଖାତାରେ ନିମ୍ନଲିଖିତ ଲାଭ ଅଛି, ଯେମିତି

- ଆମେ ନିଜର ସଞ୍ଚୟକୁ ସୁରକ୍ଷିତ ରୂପେ ଜମା କରିପାରିବା
- ଜମା ରାଶି ଉପରେ ସୁଧ ମିଳିଥାଏ ।
- ଆବଶ୍ୟକ ପଡିଲେ ତୁମେ ବ୍ୟାଙ୍କ ଯାଇ କିମ୍ବା ଏ.ଟି.ଏମ ରୁ ଟଙ୍କା ଆଣିପାରିବ ।
- ଇଣ୍ଟରନେଟ ଦ୍ୱାରା ତୁମେ ପଇସା ନ କାଢି ଦେବା ନେବା କରି ପାରିବା
- ଇଣ୍ଟରନେଟ ମାଧ୍ୟମରେ ତୁମେ ବିଲ ପୈଠ କରିପାରିବା, ରେଳ ଟିକଟ ମଧ୍ୟ କରିପାରିବା

ସବିତାର ଡାଏରୀ - ବ୍ୟାଙ୍କର ହିସାବ

| | | |
|---|---|---|
| ୧୫ ଫେବୃଆରି - | ଜମା | ୨୦୦୦ |
| ୧୮ ଫେବୃଆରି - | ଉଠିଲା | ୫୦୦ |
| | ରହିଲା - | ୧୫୦୦ |
| ୫ ମାର୍ଚ୍ଚ- | ଜମା | ୧୦୦୦ |
| | ମୋଟ- | ୨୫୦୦ |
| ୧୧ ମାର୍ଚ୍ଚ | ଉଠିଲା- | ୬୦୦ |
| | ରହିଲା - | ୧୯୦୦ |
| ୧୭ ମାର୍ଚ୍ଚ | ଉଠିଲା | ୭୦୦ |
| | ରହିଲା | ୧୨୦୦ |

ଅନୁ - କେତେ ପଇସା ଜମା କଲା ଓ କେତେ କାଢିଲା । ଏସବୁ କେମିତ ହିସାବ ରଖିବ?

ସବିତା- ଏମିତି ତ ମୁଁ ମୋର ଡାଇରିରେ ଲେଖି ରଖେ, କିନ୍ତୁ ଆମ ବ୍ୟାଙ୍କ ଏକ ପାସବୁକ ଦିଏ ଯେଉଁଥିରେ ବ୍ୟାଙ୍କ ସବୁ ହିସାବ କରିଦିଏ ।

### ସବିତାର ପାସ ବୁକ

| ତାରିଖ | ବିବରଣୀ | ଜମାରାଶି | ଉଠିଲା | ରହିଲା |
|---|---|---|---|---|
| ୧୫.୦୨.୨୦୨୨ | ନଗଦ | ୨୦୦୦ | | ୨୦୦୦ |
| ୧୮.୦୨.୨୦୨୨ | ନଗଦ | | ୫୦୦ | ୧୫୦୦ |
| ୦୪.୦୩.୨୦୨୨ | ନଗଦ | ୧୦୦୦ | | ୨୫୦୦ |
| ୧୧.୦୩.୨୦୨୨ | ନଗଦ | | ୬୦୦ | ୧୯୦୦ |
| ୧୭.୦୩.୨୦୨୨ | ନଗଦ | | ୭୦୦ | ୧୨୦୦ |

ଯଦି ସବିତା ଅପ୍ରେଲ ୪ ତାରିଖରେ ୨୫୦୦ ଟଙ୍କା ଜମା କଲା, ତେବେ ବ୍ୟାଙ୍କ ଏହି ଟଙ୍କାକୁ ପାସବୁକରେ କେଉଁଠି ରଖିବ? ସବିତା ଖାତାରେ ମୋଟ କେତେ ଟଙ୍କା ଜମା ହୋଇଯିବ?

**ଶିକ୍ଷକଙ୍କୁ ସୂଚନା** - ବ୍ୟାଙ୍କ ଖାତା ସହଜରେ ଖୋଲା ଦେବା କଥା ଆଲୋଚନା କରିବେ । ଏଥିପାଇଁ ୨ଟି ଫଟୋ, ଭୋଟ ପରିଚୟ ପତ୍ର, ଆଧାର କାର୍ଡ ବା ଅନ୍ୟ ପରିଚୟ ପତ୍ର ଆବଶ୍ୟକ, ଜନ-ଧନ ଯୋଜନାରେ ବିନା ଜମା ରାଶିରେ ମଧ୍ୟ ଖାତା ଖୋଲାଯାଇ ପାରିବ । ଏହିପରି ଟଙ୍କା ଜମା କରିବା ଓ ଟଙ୍କା ଉଠାଇବା ରାଶି ପାସବୁକରେ ରହିବ । ଏହିସବୁ ତଥ୍ୟ ଆଧାରିତ ପ୍ରଶ୍ନ ପଚାରିବେ ଓ ଆଲୋଚନା କରିବେ ।

## ଏ.ଟି.ଏମ କାର୍ଡ (ATM Card)ର ସଂକ୍ଷିପ୍ତ ଧାରଣା-

ଏ.ଟି.ଏମ କାର୍ଡ ବ୍ୟାଙ୍କରୁ ଟଙ୍କା ଉଠାଇବା ଓ ଜମା କରିବା ଏକ ଇଲେକଟ୍ରୋନିକ କାର୍ଡ, ଯାହା ସାହାଯ୍ୟରେ ସବୁ ସମୟରେ, ସବୁ ଜାଗାରେ ଟଙ୍କା ଉଠାଇ ପାରିବ ଓ ବ୍ୟାଙ୍କ ଖାତାର ତଥ୍ୟ ବି ଜାଣୀପାରିବ । ଟଙ୍କା ନେବା-ଦେବା ଘଟଣା ସହିତ ଜଡିତ କୌଣସି ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଙ୍କ ସହ ଆଲୋଚନା କରିବା ଉଚିତ । ଏ.ଟି.ଏମ କାର୍ଡ ଦ୍ୱାରା ଟଙ୍କା ଉଠାଇବା ପାଇଁ ଏ.ଟିଏମ୍ ମେସିନ ର ବ୍ୟବହାର କରାଯାଏ ।




### ମନେରଖ -

ଚେକ୍‌ର ବୈଧତା ଏଥିରେ ଦିଆଯାଇଥିବା ତାରିଖ ଠାରୁ ୩ ମାସ ପର୍ଯ୍ୟନ୍ତ ଗ୍ରହଣ ଯୋଗ୍ୟ । କ୍ରସ ଚେକ୍ କେବଳ ଖାତାଧାରୀଙ୍କ ଖାତାରେ ପୈଠ ହୋଇଥାଏ ।

### କେବେ କାହାକୁ ଜଣାଇବ ନାହିଁ

**୧. ଓ.ଟି.ପି (OTP)** **୨ .ପିନ୍ (PIN)** **୩ .ସି.ଵି.ଵି.**
**୪. ଖାତା ସମ୍ବନ୍ଧୀୟ ତଥ୍ୟ** **୫. ବ୍ୟକ୍ତିଗତ ତଥ୍ୟ**

### KYC (କେୱାଇସି )କ' ଣ ?

KYC (Know Your Customer) ଏକ ପ୍ରକ୍ରିୟା ଯାହାଦ୍ୱାରା ବ୍ୟାଙ୍କ କୌଣସି ବ୍ୟକ୍ତିର ପରିଚୟ ଓ ଠିକଣା ଯାଞ୍ଚ କରିଥାଏ । ଏବେ ଆଧାର କାର୍ଡ ଦ୍ୱାରା ମଧ୍ୟ KYC କରିପାରିବେ ।

### KYC ପାଇଁ ଆବଶ୍ୟକ ପ୍ରମାଣ ପତ୍ର

୧.ପାନ କାର୍ଡ ୨. ବିଜୁଳି ବିଲ, ୩. ଆଧାର କାର୍ଡ, ୪. ଆବାସିକ ଠିକଣା

## ପଢ ଓ ଲେଖ

ନିମ୍ନରେ ଆର୍ଥିକ ସାକ୍ଷରତା ଓ ବ୍ୟାଙ୍କ ସମ୍ବନ୍ଧୀୟ କିଛି ଆବଶ୍ୟକ ତଥ୍ୟ ଲେଖାଯାଇଛି, ଏହାକୁ ପଢ ।

### ଆର୍ଥିକ ସାକ୍ଷରତାର କହିଲେ କ'ଣ ବୁଝ?

- ଅର୍ଥ ସଞ୍ଚୟ ଓ ଖର୍ଚ୍ଚକୁ ସମତୁଲ ରଖିବା
- ସଞ୍ଚୟ ପ୍ରତି ସଚେତନ ହେବା ।

### ତୁମେ କ'ଣ କରିପାରିବ?

- ଆମଦାନୀ, ଖର୍ଚ୍ଚ ଏବଂ ସଞ୍ଚୟର ଲିଖିତ ହିସାବ ରଖିବ ।
- ଅଯଥା ଖର୍ଚ୍ଚରୁ ରକ୍ଷା ପାଇବ
- ସଞ୍ଚୟ କରିବାର ଅଭ୍ୟାସ କରିବ
- ବ୍ୟାଙ୍କ ବା ଡାକଘରେ ଖାତା ଖୋଲିବ
- ନିଜର ସଞ୍ଚୟକୁ ଠିକ ଜାଗାରେ ଜମା କରିବ ।

### ଆର୍ଥିକ ସାକ୍ଷର ହେଲେ କ'ଣ ଲାଭ ହେବ?

- ଭବିଷ୍ୟତର ଖର୍ଚ୍ଚ ପାଇଁ ପୂର୍ବରୁ ସଚେତନ ରହିବ
- ଖର୍ଚ୍ଚକୁ ନିୟନ୍ତ୍ରଣରେ ରଖିବ
- ବୁଝି ବିଚାରି ଖର୍ଚ୍ଚ କରିବ
- ନିଜର ଆବଶ୍ୟକତାକୁ ଚିହ୍ନିପାରିବ

### ବ୍ୟାଙ୍କରେ ଖାତା ଖୋଲିବାର ଲାଭ

- ତୁମେ ନିଜ ସଞ୍ଚୟକୁ ସୁରକ୍ଷିତ ଭାବେ ଜମା କରିପାରିବ
- ଜମା ରାଶି ଉପରେ ସୁଧ ମିଳିବ ।
- ଦରକାର ସମୟରେ ଜମା ଟଙ୍କା ଉଠାଇ ପାରିବ

### ବ୍ୟାଙ୍କରେ ଖାତା ଖୋଲିବା ପାଇଁ କ'ଣ କ'ଣ ଆବଶ୍ୟକ?

- ଫଟୋ
- ଆଧାର କାର୍ଡ
- ପାନ କାର୍ଡ
- ଭୋଟର ପରିଚୟ ପତ୍ର

### ବ୍ୟାଙ୍କରେ ଖାତା ଖୋଲିଲେ ବ୍ୟାଙ୍କ ତୁମକୁ କ'ଣ କ'ଣ ଦେବ ?

- ଚେକ୍ ବୁକ
- ପାସ ବୁକ୍
- ଏ.ଟି.ଏମ୍ କାର୍ଡ

## ଭିମ ଆପ୍ (BHIM)

ଭିମ୍ ଆପ୍ (BHIM) ଟଙ୍କା ନେବା ଦେବା ର ଏକ ମୋବାଇଲ ଆପ୍। ଏହାକୁ ଇ- ପେମେଣ୍ଟ ମଧ୍ୟ କୁହାଯାଏ । ଏହା ଏକ ପ୍ରକାର ସୁବିଧା ଯେଉଁଥିରେ ତୁମେ ନିଜ ମୋବାଇଲ ଦ୍ୱାରା ଟଙ୍କା ଜମା ଓ ଉଠାଇବା କାର୍ଯ୍ୟ କରିପାରିବ, । ଏହାଦ୍ୱାରା-

- ଦୂରରେ ଥିବା କୌଣସି ବ୍ୟକ୍ତିଙ୍କୁ ଟଙ୍କା ପଠାଇ ପାରିବ
- ପିଲାମାନଙ୍କର ବିଦ୍ୟାଳୟରୁ ମାସିକ ଦେୟ ଭରି ପାରିବ
- ବିଦ୍ୟୁତ୍ ଦେୟ ପୈଠ କରିପାରିବ
- ସଉଦା ଦୋକାନୀକୁ ଟଙ୍କା ଦେଇପାରିବ
- ଲୋନ ଟଙ୍କା ପୈଠ କରିପାରିବ




ସର୍ବପ୍ରଥମେ ତୁମେ ନିଜ ମୋବାଇଲରେ ଭିମ ଆପ (BHIM) ଡାଉନଲୋଡ୍ ଓ ଇନଷ୍ଟଲ କରିବ । ଏଥିରେ ତୁମେ ହିନ୍ଦୀ ସହିତ ଅନ୍ୟ ୧ ୨ ଟି ଭାରତୀୟ ଭାଷାରେ କାମ କରିପାରିବ । ଏହାଦ୍ୱାରା ତୁମେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହିତ ପ୍ରାୟ ଅନ୍ୟ ୩୦ ବ୍ୟାଙ୍କ ଭାରତୀୟ ବ୍ୟାଙ୍କ ଖାତାର ମଧ୍ୟ ଉପଯୋଗ କରିପାରିବ ।




(स्रोत— https:// https://www.npci.org.in/www.npci.org.in/
https://www.npci.org.in/product-overview/bhim-product-overview)

## ପଢ଼ ଓ ଲେଖ -

ଆର୍ଥିକ ସାକ୍ଷରତା ଅର୍ଥ ଟଙ୍କାର ଠିକ୍ ଭାବେ ରୋଜଗାର ଓ ଖର୍ଚ୍ଚ ମଧ୍ୟରେ ସମନ୍ୱୟ ରଖିବା ତଥା ସଞ୍ଚୟ ପ୍ରତି ସତର୍କ ହେବା ।

### ବ୍ୟାଙ୍କରେ ଖାତା ଖୋଲିବା ପାଇଁ ନିମ୍ନଲିଖିତ ପ୍ରମାଣପତ୍ର ଜରୁରୀ-

- ଫଟୋ
- ଆଧାର ପରିଚୟ ପତ୍ର
- ଭୋଟ ପରିଚୟ ପତ୍ର
- ଆୟକର ପ୍ରମାଣ ପତ୍ର
- ଆବାସିକ ପ୍ରମାଣ ପତ୍ର

### ଡେବିଟ କାର୍ଡରେ ବହୁତ କାମ କରିହେବ । ନିମ୍ନରେ କିଛି କାମର ତାଲିକା ଦିଆଯାଇଛି । ତୁମେ ଆଉ କିଛି କାମର ନାମ ଲେଖ-

- କିଣାବିକା
- ସଉଦା ଦୋକାନରେ ପେମେଣ୍ଟ
- ଅନଲାଇନ୍ କିଣାବିକା
- ଟିକେଟ ବୁକିଂ
- ଅନଲାଇନ ପେମେଣ୍ଟ
- ସ୍କୁଲ ଦେୟ ଭରିବା
- ଟଙ୍କା ପଠେଇ ପାରିବା
- ______________________
- ______________________
- ______________________
- ______________________

## ଏହାଠୁ ଅଧିକ ଡେବିଟ କାର୍ଡରେ ଆପଣ କ'ଣ କ'ଣ କରିପାରିବେ? କୁହନ୍ତୁ ଏବଂ ଲେଖନ୍ତୁ -

**ଶିକ୍ଷକଙ୍କ ପାଇଁ ସୂଚନା -** ଆର୍ଥିକ ସାକ୍ଷରତା ବିଷୟ ଉପରେ କଥାବାର୍ତ୍ତା କରନ୍ତୁ । ସହଭାଗୀ ଶିକ୍ଷାର୍ଥୀଙ୍କୁ ପଚାରି ଏହି ବିଷୟ ସମ୍ପର୍କିତ ତିନି-ଚାରୋଟି ଶବ୍ଦ ଲେଖନ୍ତୁ । ଏହି ଶବ୍ଦଗୁଡିକ ମଧ୍ୟ ନିଜ ନିଜ ଭାଷାରେ ହୋଇପାରିବ ।

ଏକା ସାଙ୍ଗରେ ପଢ଼

# ଦାନର ହିସାବ



ଜଣେ ରାଜା ଥିଲେ । ସେ ବହୁତ ସ୍ୱାର୍ଥପର ଥିଲେ । ନିଜର ଖୁସି ପାଇଁ ହଜାର ହଜାର ଖର୍ଚ୍ଚ କରନ୍ତି । କିନ୍ତୁ ନିଜର ପ୍ରଜାମାନଙ୍କ ପାଇଁ ତାଙ୍କର ମୁଠା ବନ୍ଦ ହୋଇଯାଏ । ଥରେ ମରୁଡି ଆସିଲା । ଲୋକମାନେ ରାଜାଙ୍କ ପାଖକୁ ସାହାଯ୍ୟ ପାଇଁ ଯାଇ କହିଲେ, ମହାରାଜ, ଚାଉଳ କିଣିବା ପାଇଁ କିଛି ଟଙ୍କା ଦିଅନ୍ତୁ ।

କିନ୍ତୁ ରାଜା ଟଙ୍କା ଦେବା ପାଇଁ ମନା କରିଦେଲେ, ସେ କହିଲେ, ଆଜି ମରୁଡିରେ ଚିନ୍ତିତ, କାଲି ଭୂମିକମ୍ପ ଆସିପାରେ । ଏହିପରି ସାହାଯ୍ୟ କରି କରି ରାଜକୋଷ ଶେଷ ହୋଇଯିବ । ସେତେବେଳେ ମୋ ପାଖରେ ଆଉ କିଛି ବି ଟଙ୍କା ରହିବନି । ଲୋକମାନେ ନିରାଶ ହୋଇ ଫେରିଗଲେ ।



ସମୟ ଗଡି ଚାଲିଲା । ମରୁଡିର ପ୍ରକୋପ ବଢି ବଢି ଚାଲିଲା । ହଜାର ହଜାର ଲୋକ ମରୁଡିରେ ମରିବାରେ ଲାଗିଲେ । ଲୋକମାନେ ରାଜାଙ୍କୁ ବାରମ୍ବାର ସାହାଯ୍ୟ ପାଇଁ କହିଲେ । ରାଜା ନିଜ ଜିଦରେ ଅଟଳ ରହିଲେ ।



କିଛି ଦିନ ପରେ ଜଣେ ସନ୍ନ୍ୟାସୀ ରାଜସଭାରେ ଉପସ୍ଥିତ ହେଲେ । ସେ ରାଜାଙ୍କୁ କହିଲେ, "ହେ ମହାରାଜ! ଆପଣଙ୍କ ସୁନାମ ଓ ପ୍ରସିଦ୍ଧ ଶୁଣି ମୁଁ ବହୁତ ଦୂରରୁ ଆପଣଙ୍କ ପାଖକୁ ଆସିଛି । ସନ୍ନ୍ୟାସୀଙ୍କ ଇଚ୍ଛା ପୂରଣ କର ।"

ରାଜା ସନ୍ନ୍ୟାସୀଙ୍କ ମୁଖରୁ ନିଜର ପ୍ରଶଂସା ଶୁଣି କହିଲେ "କୁହନ୍ତୁ, ଆପଣଙ୍କର କ'ଣ ଆବଶ୍ୟକ?"

ସନ୍ନ୍ୟାସୀ କହିଲେ, "ମୁଁ ଜଣେ ସନ୍ନ୍ୟାସୀ । ମୋର ଅଧିକ ଧନସମ୍ପତ୍ତି ଆବଶ୍ୟକ ନାହିଁ । ମୁଁ କେବଳ ରାଜକୋଷରୁ ୨୦ ଦିନ ପର୍ଯ୍ୟନ୍ତ ସାମାନ୍ୟ ଭିକ୍ଷା ଆଶା କରେ । " ମୋର ଭିକ୍ଷା ନେବାର ନିୟମ ହେଲା- "ମୁଁ ପ୍ରଥମ ଦିନ ଯେତିକି ନେବି, ଦ୍ୱିତୀୟ ଦିନ ତା'ର ଦୁଇ ଗୁଣ ନେବି, ତୃତୀୟ ଦିନ ତାର ଦୁଇ ଗୁଣ ନେବି, ଚତୁର୍ଥ ଦିନ ତୃତୀୟ ଦିନର ଦୁଇ ଗୁଣ ନେବି । ଏହିପରି ଭାବେ ପ୍ରତିଦିନ ଦୁଇ-ଦୁଇ ଗୁଣ ଅଧିକ ମୋତେ ଭିକ୍ଷା ଦେବେ । ଏହାହିଁ ମୋର ନିୟମ ।"

ରାଜା କହିଲେ, ଠିକ ଅଛି । ନିୟମ ଜାଣିଲି, କିନ୍ତୁ ପ୍ରଥମ ଦିନ କେତେ ଦେବେ? ସନ୍ନ୍ୟାସୀ ହସି ହସି କହିଲେ, "ମହାରାଜା, ମୁଁ ଲୋଭୀ ନୁହେଁ" । ଆଜି ଆପଣ ମୋତେ ଗୋଟିଏ ଟଙ୍କା ମାତ୍ର ଦିଅନ୍ତୁ । ରାଜା ଖୁସି ହୋଇଗଲେ, ସେ ଆଦେଶ ଦେଲେ- ରାଜକୋଷରୁ ସନ୍ନ୍ୟାସୀଙ୍କୁ କହିବା ଅନୁସାରେ ଭିକ୍ଷା ଦିଆଯାଉ ।



୧୫ ଦିନ ବିତିଗଲା ତ ରାଜଭଣ୍ଡାରୀ ଆଶ୍ଚର୍ଯ୍ୟ ହୋଇଗଲା ଦାନରେ ବହୁତ ଟଙ୍କା ସରିଯାଇଛି । ସେ ହିସାବ କଲା କି ୨୦ ଦିନରେ ୧୦ ଲକ୍ଷ ୪୮ ହଜାର ୫ ଶହ ୭୫ ଟଙ୍କା ଦେବାକୁ ହେବ । ସେ ଏହି ହିସାବକୁ ରାଜାଙ୍କୁ କହିଲା । ହିସାବ ଦେଖି ରାଜା ବେହୋସ ହୋଇଗଲେ ।

## ଦାନର ହିସାବ

| | |
|---|---|
| ପ୍ରଥମ ଦିନ | ୧ଟଙ୍କା ଟଙ୍କା |
| ଦ୍ୱିତୀୟ ଦିନ | ୨ ଟଙ୍କା |
| ତୃତୀୟ ଦିନ | ୪ ଟଙ୍କା |
| ଚତୁଃର୍ଥ ଦିନ | ୮ ଟଙ୍କା |
| ପଞ୍ଚମ ଦିନ | ୧୬ ଟଙ୍କା |
| ଷଷ୍ଠ ଦିନ | ୩୨ ଟଙ୍କା |
| ସପ୍ତମ ଦିନ | ୬୪ ଟଙ୍କା |
| ଅଷ୍ଟମ ଦିନ | ୧୨୮ ଟଙ୍କା |
| ନବମ ଦିନ | ୨୫୬ ଟଙ୍କା |
| ଦଶମ ଦିନ | ୫୧୨ ଟଙ୍କା |
| ଏକାଦଶ ଦିନ | ୧୦୨୪ ଟଙ୍କା |
| ଦ୍ୱାଦଶ ଦିନ | ୨୦୪୮ ଟଙ୍କା |
| ତ୍ରୟୋଦଶ ଦିନ | ୪୦୯୬ ଟଙ୍କା |
| ଚତୁଃର୍ଦ୍ଦଶ ଦିନ | ୮୧୯୨ ଟଙ୍କା |
| ପଞ୍ଚଦଶ ଦିନ | ୧୬୩୮୪ ଟଙ୍କା |
| ଷୋଡଶ ଦିନ | ୩୨୭୬୮ ଟଙ୍କା |
| ସପ୍ତଦଶ ଦିନ | ୬୫୫୩୬ ଟଙ୍କା |
| ଅଷ୍ଟାଦଶ ଦିନ | ୧୩୧୦୭୨ ଟଙ୍କା |
| ଉନବିଂଶ ଦିନ | ୫୨୪୨୮୮ ଟଙ୍କା |
| ବିଂଶ ଦିନ | ୧୦୪୮୫୭୫ ଟଙ୍କା |

ସନ୍ୟାସୀଙ୍କୁ ଡକାଗଲା । ରାଜା ସନ୍ୟାସୀଙ୍କୁ ଭିକ୍ଷାର ପରିମାଣ କମ କରିବାକୁ ଅନୁରୋଧ କଲେ ।

ସନ୍ୟାସୀ କହିଲେ, "ଲୋକମାନେ ମରୁଡିରେ ମରୁଛନ୍ତି । ସେମାନଙ୍କ ପାଇଁ ମୋତେ କେବଳ ପଚାଶ ହଜାର ଟଙ୍କା ଆବଶ୍ୟକ । ଏହାହିଁ ମୋର ଭିକ୍ଷା ହେବ ।"

ରାଜା ବହୁତ କାକୁତିମିନତୀ କରି କହିଲେ "ଭିକ୍ଷାର ପରିମାଣ କମେଇ ଦିଅନ୍ତୁ" । କିନ୍ତୁ ସନ୍ୟାସୀ ନିଜ କଥାରେ ଅଟଳ ରହିଲେ । ଉପାୟ ନ ପାଇ ରାଜାଙ୍କୁ ପଚାଶ ହଜାର ଟଙ୍କା ଦେବାକୁ ପଡିଲା ।

ପୁରା ଦେଶରେ ଖବର ବ୍ୟାପିଗଲା କି ରାଜକୋଷରୁ ପଚାଶ ହଜାର ଟଙ୍କା ସାହାଯ୍ୟ ପାଇଁ ଦିଆଯାଇଛି । ସମସ୍ତେ କହିଲେ "ଆମ ରାଜା କର୍ଣ୍ଣଙ୍କ ପରି ଦାନୀ ଅଟନ୍ତି ।"

**ସୁକୁମାର ରାୟ**
**ରିମ ଝିମ , ଶ୍ରେଣୀ - ୪**
**ଏନ ସି. ଇ. ଆର. ଟି.**

## ଚିନ୍ତା କର ଓ କୁହ

ନିମ୍ନରେ ଦିଆଯାଇଥିବା ବାକ୍ୟ ଗୁଡିକର ବ୍ୟବହାର ଆପଣ କେବେ କରନ୍ତି? ବାଛିକି ଲେଖ ।

| | | | |
|---|---|---|---|
| ପାଦ ତଳୁ ମାଟି ଖସିବା | ଆନନ୍ଦିତ ହେବା | ହଠାତ୍ ଦୁଃଖିତ ହୋଇଯିବା | ରାଗରେ ଲାଲ ପଡିଯିବା |
| ଘିଅ ଦୀପ ଜଳାଇବା | ରକ୍ତ ଗରମ ହୋଇଯିବା | ଆନନ୍ଦରେ ଗଦଗଦ ହୋଇଯିବା | ଅଧିକ କ୍ରୋଧ ଜାତ ହେବା |

| ଯେତେବେଳେ ବହୁତ ଖୁସି ହୁଅନ୍ତି | ଯେତେବେଳେ ବହୁତ ଚିନ୍ତାରେ ଥାଆନ୍ତି | ଯେତେବେଳେ ବହୁତ ରାଗ ଆସେ |
|---|---|---|
| | | |
| | | |
| | | |
| | | |
| | | |
| | | |

# ଟିପ୍ପଣୀ

# ୧୩ ଡିଜିଟାଲ ସାକ୍ଷରତା

### ଆମେ ମେ ଶିଖିବା

- ଡିଜିଟାଲ ଅଙ୍କ ଚିହ୍ନିବା ଓ ଲେଖିବା
- ଚିତ୍ରରେ ପ୍ରଦର୍ଶିତ ସଂଖ୍ୟାର ବୋଧଗମ୍ୟତା
- ମୋବାଇଲ ଫୋନ ସହ ସମ୍ପର୍କିତ ଦୈନନ୍ଦିନ ଜୀବନର ସମସ୍ୟା ଓ ସମାଧାନ

## ଏବେ ପଥ ହେଲା ସକ୍ଷମ



ହରିଶ ବାରିଣିପୁଟରେ ରହେ । ସେ ଚାଷବାସ କରେ । ତା' ପାଖରେ ପାଖାପାଖି ୧୦୨ ଏକର ଜମି ଅଛି । ତାର ଦୁଇଟି ଛୁଆ । ଦୁଇଜଣ ଯାକ ପୁଅ । ଦୁହେଁ ଏକା ସ୍କୁଲରେ ପଢନ୍ତି । ହରିଶ କେବଳ ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢିଛି । ସେ ଚାହେଁ ତାର ପିଲାମାନେ ଖୁବ ପଢନ୍ତୁ । ସେମାନଙ୍କ ପାଠପଢା ପାଇଁ ସେ ଏକ ମୋବାଇଲ ବି କିଣିଥିଲା ।

ପିଲାମାନଙ୍କର ଲାଳନପାଳନ ପାଇଁ ସେ ଓ ତାଙ୍କ ପତ୍ନୀ ବହୁତ ପରିଶ୍ରମ କରନ୍ତି । ସେ ଗତ ବର୍ଷ ଧାନ ଓ ମକା ଚାଷ କରିଥିଲା । ଚାଷ କରିବା ପୂର୍ବରୁ ତା'ର ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲା ।

ଯେମିତି ମକାର ମଞ୍ଜି କିଣିବା, ଖେତ ପାଇଁ ସାର, ଖତ କିଣିବା ଇତ୍ୟାଦି । ତାକୁ ଜଳ ସେଚନ ପାଇଁ ବାରମ୍ବାର ପାଣି ପମ୍ପ ଭଡାରେ ଆଣିବାକୁ ପଇସା ଦରକାର ହେଉଥିଲା । ଆଉ ଦୁଇ ଜଣ ମୂଲିଆକୁ ବି କାମରେ ରଖିବାକୁ ପଡୁଥିଲା । ତା ପାଖରେ ସେତେ ଧନ ନ ଥିଲା ।

ଉତ୍ସ: https://play.google.com/store/apps/ details?id=in farmguide.farmerapp.central&hl=en_IN&gl=US

ତେଣୁ ସେ ପତ୍ନୀ ସହ ମିଶି ଠିକ୍ କଲା, ଯେ ଗତ ବର୍ଷର ସଞ୍ଚୟକୁ ସେ ଏସବୁ ପାଇଁ ଉପଯୋଗ କରିବ ଏବଂ ବାକି ଟଙ୍କା ପାଇଁ ସେ ଗ୍ରାମୀଣ ବ୍ୟାଙ୍କ ଠାରୁ ଲୋନ୍ ନେବ । ହରିଶ ଟଙ୍କା ଲଗାଇବା ପାଇଁ ଭୟ କରୁଥିଲା, କାରଣ ତାକୁ ପିଲାମାନଙ୍କର ପାଠପଢା ଏବଂ ଘର ଖର୍ଚ୍ଚ ସାଙ୍ଗକୁ ମୋବାଇଲ ର ଲୋନ୍ ବି ସୁଝିବାର ଥିଲା ।

କୃଷକ ସାଥୀ
ଓଡିଶା

ଆମ କୃଷି
କୃଷକ ର ସାଥି

ହରିଶ ବହୁତ ଚାଲାକ ଥିଲା । ସେ ପିଲାଙ୍କ ପଢାପଢି ପାଇଁ ମୋବାଇଲ ର ବ୍ୟବହାର ବି କରୁଥିଲା । ଏହା ସହ ଭାରତ ସରକାରଙ୍କ ନୂଆ କୃଷି ପଦ୍ଧତି, ନୂଆ ଯୋଜନା ପାଇଁ ସେ ଇ-ବୈଠକ, ଡିଜିଟାଲ ମଣ୍ଡି, କୃଷି ଓଡିଶା, କିଷାନ ସୁବିଧା, ଆମ କୃଷି ସେବା ଇତ୍ୟାଦି ଆପ୍ କୁ ସେ ଡାଉନ୍ ଲୋଡ କଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସେ ଓ ତାର ପୁଅ ମିଶି ମୋବାଇଲ ରେ ଖେଳ ଖେଳନ୍ତି ଏବଂ କିଛି ସମୟ ସ୍ଥାନୀୟ ସରକାର ଦ୍ୱାରା ଦିଆଯାଉଥିବା କୃଷି ସହାୟତା ନେଇ ଖେତରେ କିପରି ସୁଧାର ଅଣାଯାଇ ପାରିବ ଦେଖନ୍ତି ।

# ସିଏମ୍ କିଷାନ ଯୋଜନା

## କୃଷି କଲେ ଉନ୍ନତ ସକଳ ଉନ୍ନତି

ହରିଶ ସିଏମ୍ କିଷାନ ଆପ୍‌ରେ ଯୋଡି ହେଲା । ଏଠାରେ ସେ ଆମ କୃଷି ସେବା, ପାଣିପାଗ, ବିହନ, ଖତସାର ର ଦାମ, ରିହାତି ମୂଲ୍ୟ ଆଦି ର ପରାମର୍ଶ ଓ ସୂଚନା ପାଇଗଲା । ଏଥିରୁ ସେ ହିସାବ କରି ନେଲା କି ,ସେ ସବୁ  କିଛି କିଣିବା ପାଇଁ ତାକୁ କେତେ ଖର୍ଚ୍ଚ କରିବାକୁ ପଡିବ । ପାଣିପାଗର ଅନିୟମିତତା କୁ ଦେଖି ହରିଶ "ଆମ କୃଷି" ସେବାରେ ସେ ବୀମାକରଣ ପାଇଁ ପଞ୍ଜିକରଣ କରିଥିଲା । କୌଣସି ପରିସ୍ଥିତିରେ ଫସଲ ହାନୀ ହେଲେ ତାର ଅଧିକାଂଶ ଟଙ୍କା ଫେରସ୍ତ ପାଇବ ।

ଅନ୍ୟ ଚାଷୀମାନଙ୍କ ସହ ଯୋଡି ହେବା ଏବଂ ନୂତନ ବିଚାର ପାଇଁ ସେ "ଇ-ଫାର୍ମିଂ ଓଡିଶା" ରେ ନାମ ପଞ୍ଜିକରଣ କଲା ।

ଦିନେ ସେ ଜଳସେଚନ ପାଇଁ ଏକ ପମ୍ପ ଭଡାରେ ନେବା କଥା ଚିନ୍ତା କରୁଥାଏ । ସେତେବେଳେ ଆମ କୃଷି ସେବାରୁ ଖବର ପାଇଲା କି ଆଗକୁ ଭାରି ବର୍ଷା ହେବାର ଅଛି । ତେଣୁ ସେ ପମ୍ପ ଭଡା ନେଲା ନାହିଁ ଏବଂ ପୂର୍ବ ସୂଚନା ଯୋଗୁଁ ଟଙ୍କା ବଞ୍ଚାଇ ପାରିଲା ।

ଫସଲ କାଟିବା ସମୟରେ ଏକ ଆଲର୍ଟ ବାର୍ତ୍ତା  ଆସିଲା କି ଆସନ୍ତା ଦଶଦିନ ମଧ୍ୟରେ ଜିଲ୍ଲାରେ ଲଘୁଚାପ ହେବାର ଅଛି । ପ୍ରବଳ ବର୍ଷା ସହ ପବନ ଦ୍ୱାରା ଫସଲ ହାନି ହେବାର ସମ୍ଭାବନା ରହିଛି । ତେଣୁ ସେ ମୂଲିଆ ଲଗାଇ ଫସଲ କାଟି ଘରକୁ ନେଲା ।

ମୋବାଇଲ ର ସାହାଯ୍ୟ ନେଇ  ଚାଷୀମାନେ  ମଧ୍ୟ  ପଢିବାକୁ ଲାଗିଲେ । ଏହା ସହ ହରିଶ ଏ ବର୍ଷ ଭଲ ଫସଲ ମଧ୍ୟ ଉତ୍ପାଦନ କରିପାରିଲା । ସେ ମୋବାଇଲ ର ଲୋନ ମଧ୍ୟ ଶୁଝିଲା ଏବଂ କିଛି ଟଙ୍କା ପିଲାମାନଙ୍କର ପଢିବା ପାଇଁ ବ୍ୟାଙ୍କରେ ଜମା ରଖିଲା ।

## କଥାବାର୍ତ୍ତା ପାଇଁ

ପ୍ରଶ୍ନ- ୧ ହରିଶ ଗତ ବର୍ଷ କି କି ଫସଲ ଚାଷ କରିଥିଲା?

ପ୍ରଶ୍ନ- ୨ ହରିଶ ବିହନ ଏବଂ ଖତ ର ଉଚିତ ମୂଲ୍ୟ ବିଷୟରେ କିପରି ଜାଣିପାରିଲା?

ପ୍ରଶ୍ନ - ୩ ହରିଶ ବର୍ଷା ପୂର୍ବରୁ ଜଳସେଚନ ପମ୍ପ ନ ନେଇ ଭୁଲ କଲା କି?

ପ୍ରଶ୍ନ - ୪ ହରିଶ କୁ ପାଣିପାଗ, ବିହନ ଏବଂ ବିକ୍ରିମୂଲ୍ୟ ବିଷୟରେ କେଉଁଠାରୁ ଖବର ମିଳୁଥିଲା?

ପ୍ରଶ୍ନ-୫ ଦୁଇଟି ଆପ୍ ର ନାମ କୁହ ଯାହାର ଉପଯୋଗ କରି ଚାଷରେ ସୁଧାର ଅଣାଯାଇ ପାରିବ?

## ମୋର ଶବ୍ଦ

**ଶିକ୍ଷକ ନିର୍ଦ୍ଦେଶ** - ଡିଜିଟାଲ ସାକ୍ଷରତା ବିଷୟରେ କଥାବାର୍ତ୍ତା କରିବେ । ସହଭାଗୀଙ୍କ ସହ ମୋବାଇଲର ଦୈନିକ ପ୍ରୟୋଗ ଉପରେ ଆଲୋଚନା କରିବେ ଓ ଅନ୍ୟାନ୍ୟ ପ୍ରୟୋଗ ଉପରେ ମଧ୍ୟ ଚର୍ଚ୍ଚା କରିବେ ।

# ଡିଜିଟାଲ ସଂଖ୍ୟା

ତୁମେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଯାଇଥାଅ । ବ୍ୟାଙ୍କ ତୁମକୁ ଏକ ଟୋକନ ଦେଇଥାଏ । ତୁମ ନମ୍ବର ବାର, ଯାହା ଝରକା ଉପରେ ଲାଗିଥିବା ମେସିନରେ ପାର୍ଶ୍ୱରେ ଦିଆଯାଇଥିବା ଭଳି ଲେଖା ଦେଖାଯାଉଥିବ ।




| ଗାଡି ସଂଖ୍ୟା | ଗାଡିର ନାମ | ପ୍ଲାଟଫର୍ମ ନମ୍ବର |
|---|---|---|
| 12398 | ମହାବୋଧି ଏକ୍ସପ୍ରେସ | 8 |
| 12429 | ରାଜଧାନୀ ଏକ୍ସପ୍ରେସ | 5 |

ଏହିପରି ସଂଖ୍ୟା ମାର୍କେଟରେ ଦର ଦେଖିବାରେ, ତାପମାତ୍ରା ଦେଖିବାରେ, ମେଟ୍ରୋ ଷ୍ଟେସନ ଆଦି ସ୍ଥାନରେ ସ୍କ୍ରିନରେ ଦେଖାଯାଏ । ତୁମର କାଲକୁଲେଟର ର ସ୍କ୍ରିନରେ ମଧ୍ୟ ଏପରି ସଂଖ୍ୟା ଥାଏ ।

ତୁମେ ସେହି ସଂଖ୍ୟାର ଆକାରକୁ ଦେଖି ଚିହ୍ନିବା ଜରୁରୀ ।

0123456789

ସ୍କ୍ରିନରେ ଏହିପରି ସଂଖ୍ୟା ଡିସପ୍ଲେ ହୁଏ । ଯଦି ତୁମର ଟୋକନ ନମ୍ବର ୧୨୩ ତେବେ ତାହା ସ୍କ୍ରିନରେ କେମିତି ଡିସପ୍ଲେ ହୋଇଥିବ?

**ଶିକ୍ଷକଙ୍କ ପାଇଁ ସୂଚନା** - ଶିକ୍ଷାର୍ଥୀମାନଙ୍କୁ ଡିଜିଟାଲ ସଂଖ୍ୟା ସହିତ ପରିଚୟ କରାଇବେ, ସେମାନଙ୍କ ଏପରି ସୁଯୋଗ ଦେବେ ଯେପରି ସେମାନେ ଡିଜିଟାଲ ସଂଖ୍ୟା ପଢିବେ ଓ ଲେଖିବେ ।

ତୁମେ ନିଜର ଫସଲର ଅମଳ ଅନ୍ୟ ସହିତ ତୁଳନା କରୁଛ କିମ୍ବା ଏ ବର୍ଷର ଗହମ ଉତ୍ପାଦନ ଗତବର୍ଷ ସହିତ ତୁଳନା କରୁଛ, ସେତେବେଳେ ଏହି ତୁଳନା ପାଇଁ ଚିତ୍ର ଉପଯୋଗୀ ହେବ ।




**ରମା-** ଆରେ ବାଃ! ମୋ ପାଖରେ ଗୋଟେ ବସ୍ତା ଗହମ ଅଧିକ ଅଛି । ଦେଖି କରି ରମା କୁ କେମିତି ଜଣା ପଡିଲା ।

ରମା  ଜାଣିବାକୁ ଚାହୁଁଥିଲା, କି କେଉଁ ଦଳ ସରକାର ଗଢିବାକୁ  ଯାଉଛି । ସୀମା ଟି.ଭି ରେ ନିର୍ବାଚନ ଫଳାଫଳ ସମ୍ପର୍କିତ ଖବର ଦେଖୁଥିଲା । ଯେଉଁ ଦିନ ନିର୍ବାଚନ ର ଫଳାଫଳ ବାହାରେ ସେଦିନ ଟିଭିରେ ଏହିଭଳି ଚିତ୍ର ଦେଖାଇ ଥାଏ । ଯେଉଁ ଚିତ୍ରରୁ ଏହା ସହଜରେ ବୁଝା ପଡିଥାଏ, କି କେଉଁ ଦଳ କୁ ଅଧିକ ସିଟ୍ ମିଳିଛି ।




### ଚିତ୍ର ଦେଖି କୁହ

- ସବୁଠୁ ଅଧିକ ସିଟ କେଉଁ ଦଳକୁ ମିଳିଛି ?
- ସବୁଠୁ କମ ସିଟ କେଉଁ ଦଳକୁ ମିଳିଛି ?


ଏହି ପ୍ରକାର ଆମେ ଆମ ଆଖପାଖ ଦେଖି ଅନ୍ୟ ତଥ୍ୟ ସବୁ ଏକାଠି କରିଥାଉ । ଗୀତା ତା' ଖେତରେ ଫଳ ଗୁଡିକର ଗଛ ମଧ୍ୟ ଲଗାଇଛି ।




ଚିତ୍ର ଦେଖ ଓ କୁହ

- ଆମ୍ବ ଗଛ ଖେତର ________ ଭାଗରେ ଲାଗିଛି ।
- ପିଜୁଳି ଗଛ ଖେତର ________ ଭାଗରେ ଲାଗିଛି ।
- ଲେମ୍ବୁ ଗଛ ଖେତର ________ ଭାଗରେ ଲାଗିଛି ।

ଗୀତା ଟି.ଭି ରେ ୨୦-୨୦ କ୍ରିକେଟ ମ୍ୟାଚ ଦେଖୁଛି । ଅନ୍ତିମ ଛଅ ଓଭରରେ ହୋଇଥିବା ରନ୍ ସଂଖ୍ୟା କୁ ଚିତ୍ରରେ ଦର୍ଶାଇ ଦିଆଯାଇଛି ।




## ଚିତ୍ର ଦେଖି କୁହ

ପ୍ରଶ୍ନ - ୧ ସବୁଠାରୁ ଅଧିକ ରନ କେଉଁ ଓଭରରେ ହୋଇଛି? ଆପଣଙ୍କୁ ଏଭଳି କାହିଁକି ଲାଗୁଛି?

୨ କେଉଁ ଓଭରରେ ସବୁଠାରୁ କମ ରନ ହୋଇଛି?

୩ ୧୦ ରନ କେଉଁ ଓଭରରରେ ହୋଇଛି?

୪ ୧୫ ତମ ଓଭରରେ କେତେ ରନ ହୋଇଛି?

ମ୍ୟାଚ ଦେଖିବା ପରେ ଗୀତା ନିଜ ମୋବାଇଲ ରିଚାର୍ଜ କରିବା ପାଇଁ ଏକ ଦୋକାନକୁ ଗଲା । ତାକୁ ତଳେ ଦିଆଯାଇଥିବା ପ୍ଲାନ ଗୁଡିକ ମଧ୍ୟରୁ ବାଛିବାର ଥିଲା । ନିମ୍ନରେ ପ୍ଲାନ ଏବଂ ସେଗୁଡିକର ବୈଧତା ଦିଆଯାଇଛି ।

| ପ୍ଲାନ | ୧୫୫ | ୧୭୯ | ୪୭୯ |
|---|---|---|---|
| ବୈଧତା | ୨୪ ଦିନ | ୨୮ ଦିନ | ୫୬ ଦିନ |

କ) କେଉଁ ରିଚାର୍ଜ ଗୀତା ପାଇଁ ଉପଯୋଗୀ ହେବ ?

ଖ) ଯଦି ଗୀତା ୧୭୯ଟଙ୍କାର ରିଚାର୍ଜ କରେ ଏବଂ ଦୋକାନୀ କୁ ୫୦୦ ଟଙ୍କା ଦେଲା ତେବେ ତାକୁ କେତେ ଟଙ୍କା ଫେରସ୍ତ ମିଳିବ ?

ଗ) ଗୀତା ୧୮ ମାର୍ଚ୍ଚ ଦିନ ରିଚାର୍ଜ କରି ଥିଲା ଏବଂ ସେହି ପ୍ଲାନର ବୈଧତା ୨୮ ଦିନ ଥିଲା । ତେବେ ପରବର୍ତ୍ତୀ ରିଚାର୍ଜ ସେ କେବେ କରିବ ?

**ମାର୍ଚ୍ଚ**


| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

**ଏପ୍ରିଲ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

# ମୋବାଇଲ ଦୁନିଆ

ମୋବାଇଲ ଏବେ ସୁଖ ଦୁଃଖର ସାଥୀ । ପକେଟ ଭିତରେ ରହୁଥିବା ସାମାନ୍ୟ ଯନ୍ତ୍ରଟି ସାଧାରଣ ନୁହଁ ବରଂ ଏକ ଆବଶ୍ୟକତା ପାଲଟିଛି । ରେଖା ଏବେ ତାର ବାପାଙ୍କ ଜମା ଖାତାକୁ ତାଙ୍କ ମୋବାଇଲ ନମ୍ବର ସହ ଯୋଡିଛି । ସେଥିରେ ସେ ବାପାଙ୍କୁ ଫୋନ ଦ୍ୱାରା ବିଜୁଳୀ ବିଲ ପଇଠ କରିବା, ଫୋନ ରିଚାର୍ଜ କରିବା, ଟିଭି ରିଚାର୍ଜ କରିବା, ଦୋକାନରୁ ଜିନିଷ କିଣିବା ଇତ୍ୟାଦି ଶିଖାଇ ଦେଇଛି । ସେଥିପାଇଁ ଦୋକାନ କୁ ଯାଇ ହନ୍ତସନ୍ତ ହେବାକୁ ପଡୁନାହିଁ । ଖରା ଛୁଟି ସରିଗଲା ପରେ ରେଖା ପଢିବା ପାଇଁ




ଭୁବନେଶ୍ୱର ଆସିଲେ କଲେଜର କିଛି ଫଟୋ ବା ବିଭିନ୍ନ କାର୍ଯ୍ୟକ୍ରମର ଭିଡିଓ ଆଦି ପଠାଏ । ବାପା ତା'ର ପଠାଇଥିବା ଜିନିଷଗୁଡିକୁ ଭାରି ଉତ୍ସୁକତା ସହ ଦେଖନ୍ତି । ହ୍ୱାଟସଆପରେ ନିଜର ମତାମତ ମଧ୍ୟ ଦିଅନ୍ତି । ଚିଠିପତ୍ର ଲେଖିବା ବଦଳରେ ସେ ଇ-ମେଲରେ କରି ସନ୍ଦେଶ ଦିଅନ୍ତି । ଏଥିରେ ଡାକ ଖର୍ଚ୍ଚ ଏବଂ ସମୟ ବଞ୍ଚିଯାଏ ।

ଦିନେ ରେଖାର ବାପା ତାକୁ କହିଲେ ଏବେ ତ ମୁଁ ୟୁ-ଟିଉବରେ ଲୋକଗୀତ, ପ୍ରତିଦିନର ଖବର ଇତ୍ୟାଦି ଶୁଣୁଛି ଓ ଦେଖୁଛି ।

ରେଖା ଏହା ଶୁଣି କହିଲା, "ବାଃ ବାପା! ଏବେ ତ ତୁମେ ହାଇଟେକ ହୋଇଗଲ । ବହୁତ ଭଲ କଥା। ଆଚ୍ଛା ବାପା, "ଗୋଟିଏ କଥା ମନେ ପକାଇ କହିଲ କେହି ତୁମକୁ ଏ.ଟି.ଏମ କାର୍ଡର ନମ୍ବର ତ ପଚାରି ନାହାନ୍ତି?"

ବାପା କହିଲେ, ହଁ, କେହି ଜଣେ ମୋତେ ଏଭଳି କଥା ପଚାରିଥିଲା କିନ୍ତୁ ମୁଁ ସଫା ମନା କରିଦେଲି । ଏ.ଟି.ଏମ୍ ପିନ୍ ଦେଇଦେଲେ ମୋ ଖାତାରୁ ଟଙ୍କାତକ ଚାଲିଯାଇଥାନ୍ତା । ତେଣୁ ମୁଁ ଧୋକା ଖାଇନାହିଁ । ରେଖା କହିଲା, "ଠିକ୍ କରିଲ ବାପା! ତ ତୁମେ ସାଇବର ଠକଙ୍କ ଠାରୁ ବଞ୍ଚିବା ବି ଶିଖିଲ ।"

ସହରରେ ଏଠି ସେଠି ଯିବା ପାଇଁ କ୍ୟାବ ବା ମୋଟର ସାଇକେଲ ବୁକିଂ କରିବା ପାଇଁ ହେଉ କି କୌଣସି ହୋଟେଲରୁ ମନ ପସନ୍ଦର ଖାଇବା ହେଉ ମୁଁ ମାଗିଥାଏ । ବାପା, ସମୟ ବାହାର କରି ଲାଇବ୍ରେରୀ ନ ଯାଇ ଇ-ଲାଇବ୍ରେରୀରୁ ବହି ସବୁ ଖୋଜି ପଢିଥାଏ ।"- ରେଖାର ଏସବୁ ନୂଆ କଥା ଶୁଣି ବାପା ଭାରୀ ଖୁସି ଅନୁଭବ କଲେ ।

ସମୟ ସମୟରେ ରେଖା ଭିଡିଓ କଲ କରି ତା ବାପାଙ୍କୁ କଲେଜ ଦେଖାଏ । ନାଚ, ଗୀତର କାର୍ଯ୍ୟକ୍ରମ ବି ଦେଖାଏ । ବାପା ମଧ୍ୟ ଖେତ, ପରିବାର ର ଅନ୍ୟ ସଦସ୍ୟଙ୍କ ସହ କଥାବାର୍ତ୍ତା, ଘରେ ଭଲମନ୍ଦ ହେଲେ ସବୁ ଘଟଣା ସହ ଝିଅକୁ ଯୋଡନ୍ତି ।

ବାପାଙ୍କୁ ଅନୁଭବ ହୁଏ, ଯେପରି ଝିଅ ସହରରେ ନୁହେଁ ଏଇଠି କେଉଁଠି ପାଖରେ ହିଁ ରହିଛି ।

## କଥାବାର୍ତ୍ତା ପାଇଁ ପ୍ରଶ୍ନ-

ପ୍ରଶ୍ନ -୧ ରେଖା ବାପାଙ୍କୁ ମୋବାଇଲରେ କ'ଣ କ'ଣ ଶିଖାଇଲା?

ପ୍ରଶ୍ନ -୨ ମୋବାଇଲ ବ୍ୟବହାର କରିବା ସମୟରେ କେଉଁ ସବୁ ସାବଧାନତା ଅବଲମ୍ବନ କରିବାକୁ ହୋଇଥାଏ ।

ପ୍ରଶ୍ନ -୩ ମୋବାଇଲ ବାପା ଓ ଝିଅ ମଧ୍ୟରେ ଥିବା ଦୂରତାକୁ କିପରି ଦୂର କରିପାରିଲା । ଆପଣଙ୍କୁ ମଧ୍ୟ ନିଜ ଆପଣାର ବ୍ୟକ୍ତି ମଧ୍ୟରେ ଦୂରତା ଦୂର କରିବାରେ ମୋବାଇଲ ସାହାଯ୍ୟ କରିଛି କି? ନିଜ ମତାମତ ଦିଅନ୍ତୁ ।

ପ୍ରଶ୍ନ -4 ମୋବାଇଲ ରେ ସାଇବର ଠକ ମାନଙ୍କ ଘଟଣା ଶୁଣିବାକୁ ମିଳୁଛି | ଏଥିରୁ ବଞ୍ଚିତ ରହିବା ପାଇଁ କ'ଣ କ'ଣ ସାବଧାନତା  ଅବଲମ୍ବନ କରିବା ଉଚିତ ?

## ପଢ, ବୁଝାଅ ଏବଂ ଲେଖ

ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅ ।

ପ୍ରଶ୍ନ - ୧ ମୋବାଇଲରେ କି କି ଲାଭ ହୁଏ?

______________________________

______________________________

______________________________

ପ୍ରଶ୍ନ ୨ ମୋବାଇଲର ବ୍ୟବହାର କରିବା ସମୟରେ ଆପଣ କେଉଁ କେଉଁ ଦିଗ ଉପରେ ଧ୍ୟାନ ଦେଇଥାନ୍ତି?

______________________________

______________________________

______________________________

ପ୍ରଶ୍ନ ୩। ଠିକ୍ ଉତ୍ତର ପାଇଁ ( ✓ ) ଚିହ୍ନ ଦିଅ ।

ମୋବାଇଲ ଦ୍ୱାରା କେଉଁ ଜିନିଷର ଦେବା ନେବା ହୋଇଥାଏ ।

(କ) ପଇସା ର ()

(ଖ) ଖବର ର ()

(ଗ) ଚିତ୍ର ର ()

(ଘ) ଏ ସବୁର ()

**ତୁମେ ମୋବାଇଲର ବ୍ୟବହାର କେଉଁ କେଉଁ କାମ ପାଇଁ କରିଥାଅ, ତାହାର ଏକ ତାଲିକା କର ।**


**କୌଣସି ଭଲ ଅନୁଭୂତି ବିଷୟରେ ବର୍ଣ୍ଣନା କରି ଯାହା ମୋବାଇଲ ର ବ୍ୟବହାର ଯୋଗୁଁ ସୁବିଧା ହୋଇଛି?**

# ମୋବାଇଲର କିଛି ଅନ୍ୟ ପ୍ରୟୋଗ

- ଏସ. ଏମ. ଏସ.  ଦ୍ୱାରା ଖବର ପଠାଇବା
- କ୍ୟାଲକୁଲେଟର ଦ୍ୱାରା ହିସାବ କରିବା
- ଆଲର୍ମିଂ ସମୟ ସ୍ଥିର କରିବା
- କ୍ୟାଲେଣ୍ଡର ଦେଖିବା ଓ ସ୍ମରଣ କରାଇ ଦେବା
- ପାଦ ଚଲାକୁ ମାପିବା
- ଅନଲାଇନ ପଢିବା ଏବଂ ଶ୍ରେଣୀ କକ୍ଷ ସହ ଯୋଡି ହେବା ଯେପରି ଗୁଗୁଲ ମିଟ, ଜୁମ ମିଟ, ମାଇକ୍ରୋ ସଫ୍ଟ ଟିମ, ସିସକୋ ୱେବ ଏକ୍ସ, ଆଦି
- ଜି.ପି.ଏସ ଲୋକେସନ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ ଦିଗ ଏବଂ ମାର୍ଗ ଜାଣିବା
- ବିଭିନ୍ନ ପ୍ରକାର ଗେମ୍ ଖେଳିବା
- ଫେସବୁକ ଚଲାଇବା, ଇନଷ୍ଟାଗ୍ରାମ, ଟେଲିଗ୍ରାମ ଚଲାଇବା, ୟୁ-ଟ୍ୟୁବ
- ରେଡିଓ ଶୁଣିବା
- ଗୀତ ଗାଇବା କାହାଣୀ କହି ଭିଡିଓ ବନାଇବା
- ତାପମାନ ଜାଣିବା
- ଆଖ ପାଖର ହୋଟେଲ, ଚିକିତ୍ସାଳୟ, ସ୍କୁଲ, ରେଳଷ୍ଟେସନ, ପାର୍କ ଇତ୍ୟାଦିର ଠିକଣା ଜାଣିବା
- ଟିକେଟ ବୁକିଂ କରିବା
- ଇ-ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା

## ଦେଖ, ପଢ ଓ କଥାବାର୍ତ୍ତା କର

**ତୁମ ମୋବାଇଲରୁ ଏଥି ମଧ୍ୟରୁ କାହାର ଉପଯୋଗ କରୁଛ ( ✓ ) ଚିହ୍ନ ଲଗାଅ ।**




ଘଣ୍ଟା




କ୍ୟାଲେଣ୍ଡର

ହ୍ୱାଟ୍ସ ଆପ୍




ଏସ.ଏମ.ଏସ.



କ୍ୟାଲକୁଲେଟର

ଗୁଗୁଲ ମାନଚିତ୍ର

ୟୁ ଟ୍ୟୁବ



ଇ-ମେଲ

ଫେସବୁକ



ସମ୍ପର୍କ ସୂଚୀ

DIKSHA


ଦୀକ୍ଷା



ଟର୍ଚ୍ଚ

**ଶିକ୍ଷକ ନିର୍ଦ୍ଦେଶ** – ସହଭାଗୀଙ୍କୁ ଜଣେ ଜଣେ କରି ଦିଆଯାଇଥିବା ଚିତ୍ରକୁ ଚିହ୍ନାଇବ । ଚିତ୍ରର ତଳେ ଦିଆଯାଇଥିବା ଶବ୍ଦକ ପଢାଇବେ । ତା'ର ବ୍ୟବହାର ବିଷୟରେ କଥାବାର୍ତ୍ତା କରିବେ ।

## ଜାଣିବା ପାଇଁ ତଥ୍ୟ




ସାଇବର ସୁରକ୍ଷା ପରାମର୍ଶ ଉପଲକ୍ଷେ
ଏକ ପକେଟ ବହି
CC-by-NC-SA




ସପ୍ତାହ
୧
1930
ମାଗଣା
ମାଗଣାରେ ଉପଲବ୍ଧ ସଫ୍ଟୱେରରୁ
ସାବଧାନ ରୁହ




ସପ୍ତାହ
୪
1930
PASSWORD
ନିଜର ପିନ / ଓଟିପି / ଖାତା ବିବରଣ
କେବେ କୌଣସି ଅଜଣା ବ୍ୟକ୍ତି
ସହ ଅଂଶୀଦାର କରିବେ ନାହିଁ।





ସପ୍ତାହ
୭
1930
Password
ପାସୱାର୍ଡ ମନେ ରଖିବା
ପାଇଁ ତୁମ ମସ୍ତିଷ୍କ ହେଉଛି
ସବୁଠାରୁ ଶ୍ରେଷ୍ଠ ସ୍ଥାନ


ସପ୍ତାହ
୧୦
ହେଲ୍ପଲାଇନ ନମ୍ବର :
1930
http://&***********$$
ସ୍ପାମ ସନ୍ଦେଶର ଉପଲବ୍ଧ
ଲିଙ୍କ ଗୁଡିକୁ ଖୋଲ ନାହି


ସପ୍ତାହ
୧୧
1930
ଆପଣ ଯାହାକିଛି ବି
ଅନଲାଇନରେ ପଢନ୍ତି ସେ ସବୁକୁ
ବିଶ୍ୱାସ କରନ୍ତୁ ନାହି



ସପ୍ତାହ
୧୪
1930
ବ୍ୟକ୍ତିଗତ ଚିତ୍ର
ଅନଲାଇନରେ ଛାଡିବା
ପୂର୍ବରୁ ଦୁଇଥର ଭାବିବା


ସପ୍ତାହ
୨୦
1930
Cyber Crime
Department
ଯଦି ତୁମେ କିଛି ସାଇବର
କ୍ରାଇମର ଶିକାର ହେଲ
ତୁରନ୍ତ ରିପୋର୍ଟ କରନ୍ତୁ













ଶିକ୍ଷକଙ୍କ ପାଇଁ ସୂଚନା -ଦିଆଯାଇଥିବା ଚିତ୍ର ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ସାଇବର ସୁରକ୍ଷା ପ୍ରତି ସଚେତନ କରାଇବେ । ଶିକ୍ଷାର୍ଥୀଙ୍କ ସାଙ୍ଗରେ ଇଣ୍ଟରନେଟ୍ ଶିଷ୍ଟାଚାର ବିଷୟରେ କଥାବାର୍ତ୍ତା କରିବେ ଏବଂ ଅଧିକ ତଥ୍ୟ ପାଇଁ ଲିଙ୍କ ବ୍ୟବହାର କରିବେ ( https://ciet.nic.in/flipbook/200-COPY-Cyber-Safety-Pocket-Book-HINDI-W-3-5inch-X-H-5inch / index.html # page = 1)

# ବର୍ଣ୍ଣମାଳା

ଅ ଆ ଇ ଈ ଉ ଊ ଋ ଏ ଐ ଓ ଔ

କ ଖ ଗ ଘ ଙ

ଚ ଛ ଜ ଝ ଞ

ଟ ଠ ଡ ଢ ଣ

ତ ଥ ଦ ଧ ନ

ପ ଫ ବ ଭ ମ

ଯ ର ଲ ୱ


ଶ ଷ ସ ହ


କ୍ଷ ୟ ଳ ଂ ଁ ଃ ୍


# ଟିପ୍ପଣୀ


# ଟିପ୍ପଣୀ

# ଟିପ୍ପଣୀ


ଉଲ୍ଲାସ
ପ୍ରବେଶିକା, ଭାଗ ୨


ଉଲ୍ଲାସ
ପ୍ରବେଶିକା, ଭାଗ ୩


ଉଲ୍ଲାସ
ପ୍ରବେଶିକା, ଭାଗ ୪


ଉଲ୍ଲାସ
ମାର୍ଗଦର୍ଶିକା